## ସଂକ୍ଷେପରେ

### ପୂର୍ବତନ ସଚିବ ନଳିନୀକାନ୍ତ ପ୍ରଧାନଙ୍କ ଇସ୍ତଫା

ଭୁବନେଶ୍ୱର,୨୮।୨(ବ୍ୟୁରୋ): ପୂର୍ବତନ ସଚିବ ନଳିନୀକାନ୍ତ ପ୍ରଧାନ ଗୁରୁବାର ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ସେ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିବା ଜଣାପଡିଛି। ସରକାରୀ ଚାକିରୀରୁ ଅବସର ନେବା ପରେ ନଳିନୀ ବିଜେଡିରେ ଯୋଗ ଦେବାର ସମ୍ଭାବନା ରହିଛି। ସମ୍ବଲପୁର ଲୋକସଭା କିମ୍ବା ଆଠମଲିକ ବିଧାନସଭା ଆସନରେ ନଳିନୀଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର ଧରିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନଳିନୀ ଆଠମଲିକରୁ ବିଧାନସଭା ଆସନ ଲଢିବାକୁ ଅଧିକ ଆଗ୍ରହୀ। ହେଲେ ବିଜେଡି ପକ୍ଷରୁ ତାଙ୍କୁ ସମ୍ବଲପୁର ଲୋକସଭା ପାଇଁ କୁହାଯାଇଛି। ତେଣୁ ସେ କେଉଁଠୁ ପ୍ରାର୍ଥୀ ହେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ। ନଳିନୀଙ୍କ କାର୍ଯ୍ୟକାଳ ଆସନ୍ତା ମାର୍ଚ୍ଚ ୩୧ରେ ସମାପ୍ତ ହେବାର ଥିଲା। ଏହାର ଠିକ୍ ମାସକ ପୂର୍ବରୁ ସେ ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କର ଚାକିରୀ କାର୍ଯ୍ୟକାଳ ୨୦୧୮ ମାର୍ଚ୍ଚ ୩୧ରେ ସରୁଥିଲା। ଏହାକୁ ରାଜ୍ୟ ସରକାର ବର୍ଷକ ପାଇଁ ବୃଦ୍ଧି କରିଥିଲେ। ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଯିବା ନେଇ ଏକ ମାମଲା ମଧ୍ୟ ଅଦାଲତରେ ବିଚାରାଧୀନ ରହିଛି।

### ପୁରୀ ହିଂସା, ପୁଣି ୨ ଗିରଫ

ପୁରୀ ଅଫିସ,୨୮।୨: ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଗୁରୁବାର ସିଂହଦ୍ୱାର ଥାନା ପୋଲିସ ଆଉ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ଥାନାରେ ରୁଜୁ କେସ୍ (ନଂ.୮୩/୧୮)ରେ ମାଟିମଣ୍ଡପ ସାହିର ଅଶ୍ୱିନ କୁମାର ନାୟକ ଏବଂ ମୁଦୁଲି ଜାଗାର ଜଗା ପ୍ରଧାନଙ୍କୁ ଗିରଫ କରାଯାଇଛି ବୋଲି ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତବର୍ଷ ଅକ୍ଟୋବର ୩ରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ଏବଂ ପୋଡ଼ାଜଳା ହୋଇଥିଲା।

■ ସରକାରୀ ଡାକ୍ତରଖାନାକୁ 'କାୟାକଳ୍ପ ସମ୍ମାନ'

# ୬ ଜିଲା ମୁଖ୍ୟ ଚିକିତ୍ସାଳୟ ପୁରସ୍କୃତ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

■ ୪୮ ଉପଖଣ୍ଡ ଚିକିତ୍ସାଳୟ/ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କାର

■ ୮୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୪୨ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ସମ୍ମାନ

ଡାକ୍ତରଖାନା ଆସୁଥିବା ରୋଗୀଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି କମ୍ ଥିବାରୁ ସେମାନଙ୍କ କ୍ଷେତ୍ରରେ ସଂକ୍ରମଣ ଆଶଙ୍କା ଅଧିକ। ଏଭଳିସ୍ଥଳେ ରୋଗ ସଂକ୍ରମଣକୁ ରୋକିବା ପାଇଁ ଚିକିତ୍ସା ବ୍ୟବସ୍ଥା ଅପେକ୍ଷା ଡାକ୍ତରଖାନାରେ ସ୍ୱଚ୍ଛତା ବଜାୟ ରଖିବା ଜରୁରୀ। ଏଥିପାଇଁ ସରକାରୀ ଡାକ୍ତରଖାନାଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଓ ସଂକ୍ରମଣ ନିୟନ୍ତ୍ରଣ ଅଭ୍ୟାସକୁ ନିୟମିତ କରାଇବା ନିମନ୍ତେ 'କାୟାକଳ୍ପ ସମ୍ମାନ' ବ୍ୟବସ୍ଥା କରାଯାଇଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ, ଯେଉଁଠି ସହରାଞ୍ଚଳର ପ୍ରାୟ ୪୨ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ସମ୍ମାନରେ ସମ୍ମାନିତ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ଗୁରୁବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାୟାକଳ୍ପ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା ଏହା କହିଛନ୍ତି। ଏହି ଅବସରରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବଜାୟ ରଖିଥିବା ସରକାରୀ ଡାକ୍ତରଖାନାଗୁଡ଼ିକୁ ୨୦୧୮-୧୯ ବର୍ଷ ନିମନ୍ତେ ମନ୍ତ୍ରୀ କାୟାକଳ୍ପ ସମ୍ମାନ ପ୍ରଦାନ କରିଥିଲେ। ଏହିବର୍ଷ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିବା ସେ ସୂଚନା ଦେଇଥିଲେ। କାୟାକଳ୍ପ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରାଥମିକ ପର୍ଯ୍ୟାୟରେ ମନୋନୀତ ଡାକ୍ତରଖାନାଗୁଡ଼ିକୁ ବାହ୍ୟ ସମୀକ୍ଷକମାନଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା। ପରେ ରାଜ୍ୟସ୍ତରୀୟ କ୍ୱାଲିଟି ଆସ୍ୟୁରାନ୍ସ ସମୀକ୍ଷା ବୈଠକରେ କାୟାକଳ୍ପ ପୁରସ୍କାର ବିଜେତା ଓ ରନର୍ସଅପ୍ ହୋଇଥିବା ଡାକ୍ତରଖାନାଗୁଡ଼ିକର ନାମ ଘୋଷଣା କରାଯାଇଥିଲା। ଚଳିତବର୍ଷ ୬ ଜିଲା ମୁଖ୍ୟ ଚିକିତ୍ସାଳୟ, ୪୮ ଜିଲା ଉପଖଣ୍ଡ ଚିକିତ୍ସାଳୟ/ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୮୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪୨ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ସମ୍ମାନ ପ୍ରଦାନ କରାଯାଇଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ୫୦ଲକ୍ଷ ଟଙ୍କା, ୨ୟ ସ୍ଥାନ ପାଇଁ ୨୦ଲକ୍ଷ ଓ ପ୍ରୋତ୍ସାହନମୂଳକ ସମ୍ମାନ ପାଇଁ ୩ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରଥମ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୫ଲକ୍ଷ, ୨ୟ ସ୍ଥାନ ପାଇଁ ୧୦ଲକ୍ଷ ଓ ପ୍ରୋତ୍ସାହନମୂଳକ ସମ୍ମାନ ପାଇଁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୨ଲକ୍ଷ ଟଙ୍କା ଓ ପ୍ରୋତ୍ସାହନମୂଳକ ସମ୍ମାନ ପାଇଁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ଡା. ପ୍ରମୋଦ କୁମାର ମେହେର୍ଦ୍ଦା ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସ୍ୱତନ୍ତ୍ର ସଚିବ ଡା. ବି.କେ.ବ୍ରହ୍ମା, ଯୁଗ୍ମ ଶାସନ ସଚିବ ଯାମିନୀ ଷଡଙ୍ଗୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ସୁଶିଲ କର ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



ଟ୍ରକ୍‌ର ସମ୍ମୁଖ ଭାଗରେ ନିଆଁ ଲାଗିଛି।

## ଚଳନ୍ତା ଟ୍ରକ୍‌ରେ ନିଆଁ, ବର୍ତ୍ତିଲେ ଚାଳକ

ଲହୁଣୀପଡ଼ା,୨୮।୨(ଡି.ଏନ୍.ଏ.)

୧୪୩ନଂ ଜାତୀୟ ରାଜପଥର ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଜୁନିଆନି ନିକଟରେ ଗୁରୁବାର ଅପରାହ୍ନ ସାଢ଼େ ୪ଟାରେ ଏକ ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ତେବେ ଏହାର ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, କୋଇଡ଼ା ଖଣି ଅଞ୍ଚଳରୁ ଓଡି୧୬-ଡି୨୦୮୮ନଂ ଟ୍ରକ ଲୁହାପଥର ବୋଝେଇ କରି ଝାରସୁଗୁଡ଼ା ଅଭିମୁଖେ ଯାଉଥିବାବେଳେ ଟ୍ରକର କ୍ୟାବିନରୁ ହଠାତ୍ ଧୂଆଁ ବାହାରିଥିଲା। ଏହା ଦେଖି ଚାଳକ ଗାଡ଼ି ଅଟକାଇ ଓହ୍ଲାଇ ପଡ଼ିଥିଲେ। କିଛି ସମୟ ପରେ କ୍ୟାବିନ ହୁ ହୁ ହୋଇ ଜଳି ଉଠିଥିଲା। ଖବର ପାଇ ଲହୁଣୀପଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଟ୍ରକର ସମ୍ମୁଖ ଭାଗ ଜଳି ନଷ୍ଟ ହୋଇଯାଇଛି। ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ସିରିଆସ୍ଥିତ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ଶେଷ ଗଡ଼ ବାଗ୍‌ହୋଉଜ୍‌ରେ ପୁଅକୁ ନେଇ ଯାଉଥିବା ଜଣେ ମହିଳାଙ୍କ ନିରାପତ୍ତାରେ ସେଠାକାର ସୁରକ୍ଷା ବଳ।

## ସବୁଠୁ କ୍ଷୁଦ୍ର ଶିଶୁର ଓଜନ ୨୬୮ ଗ୍ରାମ୍

ଟୋକିଓ: ଜାପାନରେ ୨୬୮ ଗ୍ରାମ୍‌ର ଶିଶୁ ଜନ୍ମ ହୋଇଥିବା ବେଳେ ଏହା ବିଶ୍ୱର 'ସବୁଠୁ କ୍ଷୁଦ୍ର ସନ୍ତାନ' ବୋଲି ଅଭିହିତ କରାଯାଇଛି। କିଛିମାସ ଚିକିତ୍ସା କରାଯିବା ପରେ ଏହାର ଓଜନ ୩.୨୩୮କିଗ୍ରାକୁ ବୃଦ୍ଧିପାଇଛି। ଜନ୍ମବେଳେ ଅତି କମ୍ ଓଜନ ହୋଇଥିବା ଏହି ଶିଶୁଟି ବଞ୍ଚିବ ବୋଲି ଆଶା ସଞ୍ଚାର ହୋଇଛି।

ଟୋକିଓସ୍ଥିତ କିଓ ୟୁନିଭର୍ସିଟି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଗଷ୍ଟରେ ଉକ୍ତ ଶିଶୁପୁତ୍ରକୁ ଜରୁରୀ ଅସ୍ତ୍ରୋପଚାର ଦ୍ୱାରା ବାହାର କରାଯାଇଥିଲା। ୨୪ ସପ୍ତାହ ଗର୍ଭରେ ରହିବା ପରେ ଏହାର ଓଜନ ଆଉ ବଢ଼ିଲା ନାହିଁ। ସେଥିପାଇଁ ଗର୍ଭସ୍ଥ ଭ୍ରୂଣର ଜୀବନରକ୍ଷା କରିବା ଲାଗି



ଡାକ୍ତରମାନେ ଅସ୍ତ୍ରୋପଚାର କରିବାକୁ ବାଧ୍ୟ ହୋଇଥିଲେ। ଏଭଳି ଅସାଧାରଣ ଶିଶୁର ଚିକିତ୍ସା କରୁଥିବା ୟୁନିଭର୍ସିଟି ହସ୍ପିଟାଲ୍ ଡାକ୍ତର ଟାକେଶି ଅରିମିଟ୍ସୁ କହନ୍ତି, ଜନ୍ମବେଳେ ଶିଶୁ କମ୍ ଓଜନର ହୋଇଥିଲେ ବି ଆମେ ଚାହୁଁ କିଛିଦିନର ଚିକିତ୍ସା ପରେ ସେ ହୃଷ୍ଟପୁଷ୍ଟ ହୋଇ ଘରକୁ ଫେରୁ। ଶିଶୁଟି ଜନ୍ମବେଳେ ଏତେ ଛୋଟ ଥିଲା ଯେ, ଦୁଇ ହାତ ପାପୁଲିରେ ହିଁ ରହିଯାଉଥିଲା। କିନ୍ତୁ ହସ୍ପିଟାଲ୍‌ର ନିଓନାଟାଲ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ଚିକିତ୍ସା କରାଯିବା ପରେ ଶିଶୁଟି କ୍ରମେ ବଢ଼ିବାକୁ ଲାଗିଲା ଏବଂ ସ୍ତନ୍ୟପାନ କରିବାକୁ ସକ୍ଷମ ହୋଇଥିଲା। ଏହି ସମୟରେ ଶିଶୁର ଶ୍ୱାସକ୍ରିୟା ଏବଂ ପୁଷ୍ଟିସାଧନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିଶୁକୁ ଗତ ବୁଧବାର ରିଲିଜ କରାଯାଇଛି।

ଜନ୍ମିତ ଶିଶୁର ଓଜନ ୧ କିଲୋଗ୍ରାମ୍‌ରୁ କମ୍ ହେଲେ ଅବିକଶିତ ଅଙ୍ଗଗୁଡିକ ଯୋଗୁ ଶିଶୁର ହୃତ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯିବା, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ଏବଂ ଅନ୍ୟାନ୍ୟ ସଂକ୍ରାମକ ରୋଗରେ ପଡ଼ିବା ଆଶଙ୍କା ଥାଏ।

# ପୂର୍ବତଟ ରେଳପଥକୁ ଶ୍ରୀହୀନ କରିବାକୁ ଷଡ଼ଯନ୍ତ୍ର

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

■ କୁଆଡ଼େ ଗଲା ଘୋଷିତ ରେଳ ୱାଗନ କାରଖାନା: କଂଗ୍ରେସ

■ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟକୁ ପୂର୍ବତଟ ରେଳପଥ ଅନ୍ତର୍ଭୁକ୍ତ କରାଯାଉ

କେନ୍ଦ୍ର ରେଳମନ୍ତ୍ରୀ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଚିତ ୱାଲ୍‌ଟିୟର ଡିଭିଜନକୁ କାଢିନେବା ପାଇଁ ବୁଧବାର ଘୋଷଣା କରିଛନ୍ତି। ଏହାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ତୀବ୍ର ନିନ୍ଦା କରାଯାଉଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ୍ ଓରାମ ତୁରନ୍ତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ଦୀର୍ଘଦିନର ଦାବି ଓ ଲଢେଇ ଫଳରେ ପ୍ରତିଷ୍ଠିତ ହୋଇଥିବା ପୂର୍ବତଟ ରେଳପଥକୁ ଶ୍ରୀହୀନ କରିଦେବା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ୱାଲ୍‌ଟିୟର ଡିଭିଜନ ଅଧୀନରେ ଆସୁଥିବା ଭାଇଜାଗ୍ ଇସ୍ପାତ କାରଖାନା ଓ ବିଶାଖାପାଟଣା ବନ୍ଦର ଯୋଗୁ ପୂର୍ବତଟ ରେଳପଥ ବାର୍ଷିକ ପ୍ରାୟ ୮କୋଟି ଟଙ୍କାର ରାଜସ୍ୱ ଅର୍ଜନ କରୁଥିଲା, ଯାହା ବର୍ତ୍ତମାନ ସମ୍ପୂର୍ଣ୍ଣ ସମାପ୍ତ ହୋଇଯିବ। ଏପରିକି ପୂର୍ବତଟ ରେଳପଥ ବାର୍ଷିକ ପ୍ରାୟ ୬ଶହ କୋଟି ଟଙ୍କା ରାଜସ୍ୱ ହରାଇବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏହା ବଦଳରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟକୁ ପୂର୍ବତଟ ରେଳପଥ ଅନ୍ତର୍ଭୁକ୍ତ କରାଯାଉ। ଦକ୍ଷିଣପୂର୍ବ ରେଳପଥ ଅଧୀନରେ ବୋକାରୋ ଓ ରାଉରକେଲା ପରି ଦୁଇଟି ଇସ୍ପାତ କାରଖାନା ଆସୁଥିବାରୁ ରାଉରକେଲାକୁ ନୂଆ ଡିଭିଜନ ଭାବେ ଘୋଷଣା କରାଯାଉ। ଏହାସହ ଏହାକୁ ପୂର୍ବତଟ ରେଳପଥ ଅନ୍ତର୍ଭୁକ୍ତ କରାଯାଉ। ସେହିପରି ବିଶାଖାପାଟଣା ବନ୍ଦର ବଦଳରେ ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥର ବିଳାସପୁର ଡିଭିଜନରେ ଆସୁଥିବା ଇବ୍-ବ୍ରଜରାଜନଗର ଅଞ୍ଚଳକୁ ମଧ୍ୟ ପୂର୍ବତଟ ରେଳପଥରେ ଅନ୍ତର୍ଭୁକ୍ତ କରାଯାଇ ବ୍ୟାପକ ଖଣି ଅଞ୍ଚଳକୁ ଗୋଟିଏ ଡିଭିଜନ ଭାବେ ରାଉରକେଲା କିମ୍ବା ସମ୍ବଲପୁର ଅଧୀନରେ ରଖାଯାଉ। ଏହା ବ୍ୟତୀତ ବାଲେଶ୍ୱରକୁ ମଧ୍ୟ ଏକ ନୂଆ ରେଳ ଡିଭିଜନ ଭାବେ ଘୋଷଣା କରି ବାଲେଶ୍ୱର-ମୟୂରଭଞ୍ଜ ଏବଂ ଭଦ୍ରକକୁ ଦକ୍ଷିଣ ପୂର୍ବ ରେଳପଥ ଅଧୀନରୁ କାଢିଆଣି ପୂର୍ବତଟ ରେଳପଥରେ ସାମିଲ୍ କରିବା ଦରକାର। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ସିଧାସଳଖ ଓଡ଼ିଶାର ଅର୍ଥନୈତିକ ମେରୁଦଣ୍ଡ ଉପରେ ମାଡ଼ ସଦୃଶ ହୋଇଥିବାରୁ ରାଜ୍ୟର ନ୍ୟାଯ୍ୟ ଦାବିକୁ ପୂରଣ କରା ନ ଗଲେ ବ୍ୟାପକ ଗଣଆନ୍ଦୋଳନ ଗଢି ତୋଳାଯିବ। ଅନ୍ୟପଟେ ଘୋଷିତ ହୋଇଥିବା ରେଳ ୱାଗନ କାରଖାନା, ରେଳବାଇ ମେଡିକାଲ କଲେଜ ଏବଂ ଅନ୍ତର୍ଜାତୀୟ ରେଳ ଷ୍ଟେଶନ ନିର୍ମାଣ ସମ୍ପର୍କିତ ଅଗ୍ରଗତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ ଉତ୍ତର ରଖନ୍ତୁ ବୋଲି ପଞ୍ଚାନନ ଦାବି କରିଛନ୍ତି।

■ ଜଙ୍ଗଲ ଜମି ପଟ୍ଟା ଆବେଦନକାରୀଙ୍କୁ ହଟାଯିବା ପ୍ରସଙ୍ଗ

# ପୂର୍ବ ଆଦେଶ ଉପରେ ସୁପ୍ରିମ୍‌କୋର୍ଟଙ୍କ ରହିତାଦେଶ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ଦେଶର ବିଭିନ୍ନ ରାଜ୍ୟର ପ୍ରାୟ ୧୧.୮ ଲକ୍ଷ ବସ୍ତିବାସିନ୍ଦାଙ୍କୁ ଜଙ୍ଗଲ ଜମିରୁ ବିସ୍ଥାପିତ କରିବା ପାଇଁ ଚଳିତ ମାସ ୧୩ରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ। ହେଲେ ଗୁରୁବାର ସୁପ୍ରିମ୍‌କୋର୍ଟ ଏହି ଆଦେଶନାମା ଉପରେ ରହିତାଦେଶ ଜାରି କରିଛନ୍ତି। ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ଜଷ୍ଟିସ୍ ନବୀନ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରହିତାଦେଶ ଜାରି କରିଛନ୍ତି। ଏଥିସହିତ ୨୧ଟି ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୧୦ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହି ଆଦେଶନାମା ଦ୍ୱାରା ପ୍ରଭାବିତ ହେବାକୁ ଯାଉଥିବା ରାଜ୍ୟଗୁଡିକର ମୁଖ୍ୟ ଶାସନ ସଚିବଙ୍କୁ ଜଙ୍ଗଲ ଅଧିବାସୀଙ୍କ ଥଇଥାନ ଏବଂ ବିସ୍ଥାପନ ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୁହାଯାଇଛି।

## ଅଧ୍ୟାଦେଶ ଜାରି କରି ବାତିଲ କରୁ କେନ୍ଦ୍ର ସରକାର : ଲୋକଶକ୍ତି ଅଭିଯାନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଖାରଜ ହୋଇଥିବା ଜଙ୍ଗଲ ଜମି ପଟ୍ଟା ଆବେଦନକାରୀଙ୍କୁ ଜଙ୍ଗଲରୁ ହଟାଯାଉ। ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ଚଳିତ ମାସ ୧୩ରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ଏହାକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାରକୁ ନେଇ ଲଢ଼େଇ କରୁଥିବା ସଙ୍ଗଠନ ଏହାକୁ ବିରୋଧ କରିଛି। ଏହି ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀରେ ଜନ ଆନ୍ଦୋଳନଗୁଡିକର ରାଷ୍ଟ୍ରୀୟ ସମନ୍ୱୟ(ଏନ୍‌ଏପିଏମ୍) ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିସହିତ ଚଳିତ ମାସ ୭ରେ ଭୁବନେଶ୍ୱରରେ ଏକ ପ୍ରତିବାଦ ରାଲି କରାଯିବ ବୋଲି ସୂଚନା ଦିଆଯାଇଛି। ସଙ୍ଗଠନର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି ଯେ, ଜାରି ହୋଇଥିବା ନିର୍ଦ୍ଦେଶନାମା ଅସାମ୍ବିଧାନିକ। ଏହା ଜଙ୍ଗଲ ଅଧିକାର ଆଇନ-୨୦୦୬ ବିରୋଧୀ ଏବଂ ଆଦିବାସୀଙ୍କ ପାଇଁ ହୋଇଥିବା ଅନ୍ୟାୟର ପୁନରାବୃତ୍ତି। ଆଦେଶକୁ ପୁନର୍ବିଚାର କରି ସୁପ୍ରିମ୍‌କୋର୍ଟ ଏହାକୁ ପ୍ରତ୍ୟାହାର କରନ୍ତୁ ଅଥବା କେନ୍ଦ୍ର ସରକାର ଅଧ୍ୟାଦେଶ ଜାରି କରି ରଦ୍ଦ କରନ୍ତୁ। ଜଙ୍ଗଲ ଅଧିକାର ଆଇନ ବିରୋଧରେ କେତେଜଣ ଅବସରପ୍ରାପ୍ତ ଅଫିସର ଆଦିବାସୀଙ୍କୁ ଅଧିକାରରୁ ବଞ୍ଚିତ କରି କର୍ପୋରେଟ୍ ସ୍ୱାର୍ଥ ପାଇଁ ମାମଲା ଦାଏର କରିଥିଲେ। କେନ୍ଦ୍ର ସରକାରଙ୍କ ଆଇନଜୀବୀମାନେ ଲଗାତର ଚାରିଥର ଶୁଣାଣିବେଳେ ଅନୁପସ୍ଥିତ ରହି ସରକାରଙ୍କ ପକ୍ଷ ରଖିଲେ ନାହିଁ। ତେଣୁ ଏକତରଫା ଭାବେ ସୁପ୍ରିମ୍‌କୋର୍ଟ ଶୁଣାଣି କଲେ କିପରି ଓ କାହିଁକି ବୋଲି ପ୍ରଫୁଲ୍ଲ ପ୍ରଶ୍ନ କରିଛନ୍ତି। ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ କହିଛନ୍ତି ଯେ, ବିଭିନ୍ନ ରାଜ୍ୟ ସରକାର ଆଇନ ଅନୁଯାୟୀ ଜଙ୍ଗଲ ଜମି ପଟ୍ଟା ଦେଇନାହାନ୍ତି। ଯେଉଁ ଆବେଦନଗୁଡିକ ଗ୍ରାମସଭା ତରଫରୁ ଦିଆଯାଇଛି, ତାହା ଗ୍ରହଣୀୟ ନ ହେଲେ ପୁନର୍ବାର ଗ୍ରାମସଭାକୁ ଫେରାଇବା ପାଇଁ ନିୟମ ରହିଛି। ଏହାକୁ ପୁଣି ଗ୍ରାମସଭା ସଂଶୋଧନ କରି ପଠାଇଲେ ଜିଲାସ୍ତରୀୟ କମିଟି ତଥା ଜିଲାପାଳ ଗ୍ରହଣ କରିବାକୁ ବାଧ୍ୟ। ଏହା ଠିକ୍ ଭାବେ ଅନୁପାଳନ ହେଉଛି କି ନାହିଁ ଖଣ୍ଡପୀଠର ବିଚାରପତିମାନେ ରାଜ୍ୟ ସରକାରଙ୍କୁ ପଚାରିଛନ୍ତି କି? ଜଙ୍ଗଲବାସୀଙ୍କ ମତାମତ ନିଆଯାଇଛି କି ବୋଲି ଲିଙ୍ଗରାଜ କହିଛନ୍ତି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୪୩.୦୧%

ଭୁବନେଶ୍ୱର,୨୮।୨(ବ୍ୟୁରୋ)



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଡିସେମ୍ବରରେ ୩୦୧ ପଏଣ୍ଟ ଥିଲା। ଏଥିରେ ୬ ପଏଣ୍ଟ ବଢି ଜାନୁୟାରୀରେ ଏହା ୩୦୭ ପଏଣ୍ଟ ଛୁଇଁଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୧୭ ପଏଣ୍ଟ ଥିଲା। ଏଥିରେ ୧୦ ପଏଣ୍ଟ ବୃଦ୍ଧି ପାଇ ୩୨୭ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୦୯ ପଏଣ୍ଟ ଥିବା ବେଳେ ଏଥିରେ ୨ ପଏଣ୍ଟ ହ୍ରାସ ଘଟି ୩୦୭ ପଏଣ୍ଟ ରହିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୮.୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪.୨୧% ବୃଦ୍ଧି ବଢି ୧୪୩.୦୧% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଏପ୍ରିଲ ପହିଲାରୁ ପାଇବେ। ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୧.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୬୪.୧% ହୋଇଛି। ଏହା ମେ ପହିଲାରୁ ଏହା ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନଶନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଜି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩% ବୃଦ୍ଧି ଘଟି ୫୭.୪% ହୋଇଛି। ଏହି ବର୍ଦ୍ଧିତ ଡିଏ ମେ' ପହିଲାରୁ ସେମାନେ ପାଇବେ। ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪% ବୃଦ୍ଧି ଘଟି ୧୬% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମଡିମାନେ ମଧ୍ୟ ୧୬% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନସନ ଏବଂ ପେନସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ମାର୍ଚ୍ଚ୧ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୭ | ୧୮.୬ |
| ଚାନ୍ଦବାଲି | ୨୮.୭ | ୧୯.୯ |
| କଟକ | --- | ୧୬.୫ |
| ପାରାଦ୍ୱୀପ | ୨୯.୫ | ୨୨.୬ |
| ଭୁବନେଶ୍ୱର | ୩୨.୨ | ୧୮.୨ |
| ଗୋପାଳପୁର | ୩୦.୩ | ୨୧.୫ |
| ପୁରୀ | ୩୦.୬ | ୨୨.୨ |
| ଅନୁଗୋଳ | ୩୧.୭ | ୧୬.୬ |
| ବାରିପଦା | --- | ୧୯.୬ |
| ଝାରସୁଗୁଡ଼ା | ୨୯.୩ | ୧୬.୬ |
| କେନ୍ଦୁଝର | ୨୪.୮ | ୧୭.୧ |
| ସମ୍ବଲପୁର | ୩୦.୫ | ୧୭.୩ |
| ସୁନ୍ଦରଗଡ଼ | ୩୫.୦ | ୧୫.୦ |
| ହୀରାକୁଦ | ୩୦.୧ | ୧୮.୫ |
| ତାଳଚେର | ୩୦.୩ | ୨୦.୮ |
| ଭବାନୀପାଟଣା | ୨୯.୫ | ୧୯.୦ |
| ବଲାଙ୍ଗୀର | ୩୧.୫ | ୧୭.୫ |
| କୋରାପୁଟ | ୩୦.୦ | ୧୭.୦ |
| ଫୁଲବାଣୀ | --- | ୧୬.୮ |
| ଟିଟିଲାଗଡ଼ | --- | ୧୬.୫ |
| ମାଲକାନଗିରି | ୩୬.୦ | ୧୮.୨ |
| ସୋନପୁର | ୩୧.୨ | ୧୬.୮ |
| ଦାରିଙ୍ଗିବାଡ଼ି | ୨୬.୦ | ୧୪.୦ |

ଡିଗ୍ରୀ ସେଲ୍‌ସିୟସ୍

## ସଂକ୍ଷେପରେ

### ଚମ୍ପଟ ବିଚାରାଧୀନ କଏଦୀଙ୍କୁ ମାଡ଼

ରାଇରଙ୍ଗପୁର, ୨୮।୨ (ଡି.ଏନ.ଏ.)- ଏକ ଚୋରି ମାମଲାରେ ବିଚାରାଧୀନ କଏଦୀ ଥିବା ଦୁଇଭାଇ ପୋଲିସ ହାତରୁ ଚମ୍ପଟ ମାରିଥିବାବେଳେ ଲୋକଙ୍କ ହାବୁଡ଼ରେ ଧରାପଡ଼ି ନିସ୍ତୁକ ମାଡ଼ ଖାଇଛନ୍ତି। ରାଇରଙ୍ଗପୁର ସ୍ଥାନୀୟ ସିଭିଲ କୋର୍ଟରେ ବିଚାର ପାଇଁ ଦୁଇଭାଇ ରାଜେଶ ଏବଂ ରାକେଶ ବିନ୍ଧାଣୀଙ୍କୁ ସବ୍‌ଜେଲରୁ କୋର୍ଟକୁ ନିଆଯାଇଥିଲା। ବିଚାର ଅପେକ୍ଷାରେ ଥିବା ଦୁଇଭାଇ ପୋଲିସ ହାତରୁ ଖସି ପଳାଇଥିଲେ। କୋର୍ଟ ପୋଲିସ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ସେମାନେ ହସ୍ପିଟାଲ ଛକ ବାସନ୍ତୀ ପୂଜା ମଣ୍ଡପ ନିକଟସ୍ଥ ଏକ ଗାତରେ ଲୁଚିଥିଲେ। ଏଠାରେ ଚଳପ୍ରଚଳ କରୁଥିବା ଗାଡ଼ି ଚାଳକମାନେ ତାଙ୍କୁ ଧରି ନିସ୍ତୁକ ମାଡ଼ ମାରିବା ସହିତ ପୋଲିସକୁ ହସ୍ତାନ୍ତର କରିଥିଲେ। ଚୋରି ମାମଲାରେ ଦୁଇଭାଇ ବିଚାରଧୀନ କଏଦୀ ଥିବା ସବ୍‌ଜେଲ କର୍ତ୍ତୃପକ୍ଷ ମଦନମୋହନ ମାରାଣ୍ଡି କହିଛନ୍ତି ।

### ୩ ମଦ ବ୍ୟବସାୟୀ କୋର୍ଟଚାଲାଣ

ରାଇରଙ୍ଗପୁର, ୨୮।୨ (ଡି.ଏନ.ଏ.)- ରାଇରଙ୍ଗପୁର ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ବେଆଇନ ମଦ ଦୋକାନରେ ଚଢ଼ଉ କରାଯାଇଛି। ଅବକାରୀ ବିଭାଗ ଦୁଇଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ପୋଲିସ ଯାମଦା ଗ୍ରାମ ହାଟସାହି ବସ୍ତି ଅଞ୍ଚଳରେ ଚଢ଼ଉ କରି ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଚଢ଼ଉବେଳେ ୨୫ ଲିଟର ମଦ ଜବତ ହୋଇଛି। କୋର୍ଟଚାଲାଣ ହୋଇଥିବା ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ଟାଉନଥାନା କୁଚେଇବୁଢ଼ୀ ବସ୍ତିର ପ୍ରଫୁଲ୍ଲ, ଅମନବଢ଼ୀ ଗ୍ରାମର ଭଉଁରା ମାରାଣ୍ଡ ଏବଂ ଯାମଦା ହାଟସାହି ବସ୍ତିର ବିକ୍ରମ ମହାନ୍ତି।

### ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟିତ



କପ୍ତିପଦା, ୨୮।୨(ଡି.ଏନ.ଏ): କପ୍ତିପଦା ବ୍ଲକ୍ ଅଧୀନ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ କରଞ୍ଜିଆ ବିଧାୟକ ବିଜୟ ନାଏକ ଉଦ୍‌ଘାଟନ କରିଛନ୍ତି । ୬୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଇଟିଡ଼ିଏ, ଉଦଳା ଦ୍ୱାରା ଏହା ନିର୍ମିତ ହୋଇଛି। ଅନୁଷ୍ଠିତ ଉତ୍ସବରେ ଜିଲାପରିଷଦ ସଦସ୍ୟା ସସ୍ମିତା ସିଂପୂର୍ତ୍ତି, ଆଇଟିଡ଼ିଏ ସହକାରୀ ଯନ୍ତ୍ରୀ ରମାକାନ୍ତ ପାତ୍ର, ମହାବିଦ୍ୟାଳୟ ଅଧକ୍ଷ ଭଗବାନ ପଣ୍ଡା, ସାମାଜିକ କର୍ମକର୍ତ୍ତା ପୀତାମ୍ବର ସାହୁ, ତୁରାମ ସିଂ, ମୋହନ ମୁର୍ମୁ, ଜୟ ମୁର୍ମୁ ଯୋଗ ଦେଇଥିଲେ।
ନବ ନିର୍ମିତ ଛାତ୍ରୀ ନିବାସରେ ପାନୀୟଜଳ ଯୋଗାଣ, ବିଦ୍ୟୁତୀକରଣ, ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବା ଛାତ୍ରୀ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟା ସମାଧାନ ହେବ ବୋଲି ଯନ୍ତ୍ରୀ ଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପକ ପ୍ରତାପ ଦାସ, ଶୀତକଣ୍ଠ ଦାସ, ଅଶୋକ ସାହୁ, ମନୋରଂଜନ ବିହାରୀ ପ୍ରମୁଖ ସହଯୋଗ କରିଥିଲେ ।

### ଜାତୀୟ ବିଜ୍ଞାନ ଦିବସ

ବାଙ୍ଗିରିପୋଷି, ୨୮।୨ (ଡି.ଏନ.ଏ.): ସ୍ଥାନୀୟ ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ବିଜ୍ଞାନ ଆଚାର୍ଯ୍ୟା ପ୍ରଭାସିନୀ ନନ୍ଦି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ବୈଜ୍ଞାନିକ ସି.ଭି ରମଣଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ୨୯୮ ଶିଶୁଙ୍କ ମଧରେ ପ୍ରଦର୍ଶନୀ ବକ୍ତୃତା ଓ ପ୍ରଶ୍ନମଂଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟା ସଞ୍ଜୁଲତା ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଚାର୍ଯ୍ୟ ହରିହର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଗୁରୁମା, ଗୁରୁଜୀ , ସେବିକା ସେବକ ସହଯୋଗ କରିଥିଲେ।

# ଜିଲାପାଳଙ୍କୁ ଦେଖା କରିବାକୁ ୧୫ କି.ମି. ଚାଲିଲେ

■ କେନ୍ଦୁଆ ବିଦ୍ୟାଳୟ ଛାତ୍ରାବାସରେ ଅବ୍ୟବସ୍ଥା ଅଭିଯୋଗ

■ ଦେଖାଦେଲେନି ଜିଲାପାଳ
■ ପଦକ୍ଷେପ ପାଇଁ ଦେଲେ ପ୍ରତିଶ୍ରୁତି ଉପଜିଲାପାଳ

ବାରିପଦା ଅଫିସ, ୨୮।୨

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ୍ କେନ୍ଦୁଆସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଛି। ଏନେଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କିଛି ସମାଧାନ ହେଉନାହିଁ। ଏପରି ଅଭିଯୋଗ କରି ଛାତ୍ରାବାସର ୪୦ ଅନ୍ତେବାସୀଙ୍କ ମଧ୍ୟରୁ ୧୭ ଜଣ ଦୀର୍ଘ ୧୫ କି.ମି. ଚାଲି ଚାଲି ଗୁରୁବାର ୭ଟାବେଳେ ବାରିପଦାରେ ପହଞ୍ଚି ଜିଲାପାଳ ଭିନୀତ ଭରଦ୍ୱାଜଙ୍କୁ ଦେଖାକରି ସମସ୍ୟା ସମ୍ପର୍କରେ ଜଣାଇବାକୁ ଉଦ୍ୟମ କରିଥିଲେ ମଧ ତାଙ୍କର ଦେଖା ମିଳି ନ ଥିଲା। କିନ୍ତୁ ଅନ୍ତେବାସୀମାନେ ଅତିରିକ୍ତ ଜିଲାପାଳ ଆବୋଲି ସୁନୀଲ ନରଭାଣେ ଓ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଛନ୍ତି।

ଛାତ୍ରାବାସରେ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଉ ନାହିଁ। ଏନେଇ ଅଭିଯୋଗ କଲେ କର୍ତ୍ତୃପକ୍ଷ ମାଡ଼ ମାରୁଛନ୍ତି। ଏଥିପାଇଁ ଗୁରୁବାର ଭୋରରୁ କେନ୍ଦୁଆ ପଞ୍ଚାୟତ ସମିତି ସଭ୍ୟା ମଲ୍ଲି ମାଝୀଙ୍କ ସହଯୋଗରେ ଛାତ୍ରାବାସରୁ ବାହାରି ବାରିପଦା ଚାଲି ଚାଲି ଆସିଥିବା ଅନ୍ତେବାସୀମାନେ କହିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ହରିଭକ୍ତା ବେହେରାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ବାରିପଦାରେ ପହଞ୍ଚି ଅନ୍ତେବାସୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ ଜିଲାପାଳଙ୍କୁ ସାକ୍ଷାତ କରିବେ ବୋଲି ଅଡ଼ି ବସିଥିଲେ। ଏହାପରେ ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ ଘଟଣା ସ୍ଥଳକୁ ଆସି ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ। କିନ୍ତୁ କୌଣସି ନିର୍ଯାସ ବାହାରି ନ ଥିଲା। ପରେ ଅତିରିକ୍ତ ଜିଲାପାଳ ଆବୋଲି ଓ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଉପଜିଲାପାଳ ଅନ୍ତେବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବେହେରା କହିଛନ୍ତି ଯେ, ଅନ୍ତେବାସୀଙ୍କୁ ବ୍ୟକ୍ତିଗତ ସ୍ୱାର୍ଥ ରଖି ଫୁସୁଲେଇ ଏଠାକୁ ଅଣାଯାଇଛି। ଏହାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ସମିତି ସଭ୍ୟା ମଲ୍ଲି କହିଛନ୍ତି, ଦୀର୍ଘ ଦିନରୁ ଏହି ବିଦ୍ୟାଳୟ ଛାତ୍ରାବାସରେ ଅବ୍ୟବସ୍ଥା ଲାଗି ରହିଛି। କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ଅନ୍ତେବାସୀମାନେ ତାଙ୍କ ସାହାଯ୍ୟ ନେଇ ଏଠାକୁ ଆସିଥିଲେ।



ଅନ୍ତେବାସୀ ଚାଲି ଚାଲି ଆସୁଛନ୍ତି।

# ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ବଡ଼ସାହି, ୨୮।୨(ସ୍ୱ.ପ୍ର.)

ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତ ପାଳପାଟଣା ଓ ସୋରିଷକୋଠା ମଧ୍ୟସ୍ଥ ଗାଙ୍ଗିଯୋଡ଼ି ନାଳ ଉପରେ ନୂତନ ପୋଲ ନିର୍ମାଣ ପାଇଁ ଗୁରୁବାର ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ଓ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟ ପାଇଁ ଆଇଟିଡିଏ ପକ୍ଷରୁ ୪୨ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ରାକେଶ ମହାପାତ୍ର, ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ, ବ୍ଲକ ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ଦଳେଇ, ବିଜେଡି ଯୁବ ସଭାପତି ନୀହାର ରଞ୍ଜନ ମହାପାତ୍ର ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି । ପୋଲର ଉଭୟ ପାର୍ଶ୍ୱରେ ଘରୋଇ ଜମି ଥିବାରୁ କାର୍ଯ୍ୟ ଆରମ୍ଭ ହେବାରେ ବାଧା ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅତିଥିଙ୍କୁ ଅବଗତ କରିଥିଲେ। ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ବିଧାୟକ କହିଛନ୍ତି। ଏହି ପୋଲ ନିର୍ମାଣ ହେଲେ ଆଖପାଖ ୮ରୁ ୧୦ଖଣ୍ଡ ଗ୍ରାମର ଲୋକେ ଉପକୃତ ହେବା ସହ ପଡ଼ୋଶୀ ବାଲେଶ୍ୱର ଜିଲାକୁ ଯିବାଆସିବା ସହଜ ହେବ।

# କୃଷକ ସମ୍ପର୍କ ମେଳାରେ ୪ ଷ୍ଟଲ ପ୍ରଦର୍ଶିତ



କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ଚାଷୀମାନେ।

କପ୍ତିପଦା, ୨୮।୨(ଡି.ଏନ.ଏ)

କପ୍ତିପଦା ବ୍ଲକ୍ ଅଧୀନ ରାଣୀପୋଖରୀ ପଞ୍ଚାୟତରେ କୃଷକ ସମ୍ପର୍କ ମେଳା-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦଳା କୃଷି ଜିଲା ଅଧିକାରୀ ମନେରଂଜନ ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କରଞ୍ଜିଆ ବିଧାୟକ ବିଜୟ ନାଏକ, ମୁଖ୍ୟବକ୍ତା ବ୍ଲକ୍ ଅଧକ୍ଷା ସୁଶୀଳା ବାନରା, ସମ୍ମାନୀତ ଅତିଥି ୫ ନମ୍ବର ଜିଲା ପରିଷଦ ସଦସ୍ୟା ସସ୍ମିତା ସିଂପୂର୍ତ୍ତି, ଜିଲା ଶସ୍ୟ ସଂରକ୍ଷଣ ଅଧିକାରୀ ଡ. ମନୋଜ ଚାନ୍ଦ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମୋହନ ସିଂ, ମହେନ୍ଦ୍ର ପରମାଣିକ ଓ ଅତିରିକ୍ତ ପଶୁ ସମ୍ପଦ ଅଧିକାରୀ ଅଭିଳାଷ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରିଛନ୍ତି । କପ୍ତିପଦା ସହକାରୀ କୃଷି ଅଧିକାରୀ ବିଭୂପ୍ରସାଦ ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶାଳଚୁଆ ସହକାରୀ କୃଷି ଅଧିକାରୀ ପରମେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଛନ୍ତି । ଏହି ଅବସରରେ ବିଭାଗ ପକ୍ଷରୁ ସୁରଭି, ଏଗ୍ରୋ, ପାଣି ପମ୍ପ ଓ କାଳିଆ ଯୋଜନା ସମ୍ପର୍କରେ ୪ଟି ଷ୍ଟଲ ଖୋଲାଯାଇଥିଲା ।

## ଜୁଆ ଖେଳୁଛନ୍ତି ପୋଲିସ କର୍ମଚାରୀ

ବାରିପଦା ଅଫିସ, ୨୮।୨

ମୟୂରଭଞ୍ଜ ଜିଲା ପୋଲିସ ସବୁବେଳେ ନିଜ କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ବିବାଦରେ ରହିଆସୁଛି। ଏ ସମ୍ପର୍କରେ ଏସ୍‌ପି ଅବଗତ ଥାଇ ମଧ ଏଥିରେ କୌଣସି ସୁଧାର ଆସୁନାହିଁ। ଜିଲା ପୋଲିସ ଛବିରେ କଳଙ୍କ ଛିଟା ଲାଗିବାରେ ଆଉ ଏକ ଘଟଣା ପଦାରେ ପଡ଼ିଛି। ବାରିପଦା ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ କିଛି ପୋଲିସ କର୍ମଚାରୀ ଜୁଆ ଖେଳୁଥିବା ଅଭିଯୋଗ ହୋଇଛି। ପୋଲିସ କର୍ମଚାରୀଙ୍କ ସୁବିଧାଅସୁବିଧା ପାଇଁ ଜିଲାସ୍ତରରେ ସଂଘ ଗଠନ କରାଯାଇଛି। ତେବେ ଏହି ସଂଘରେ ନିର୍ବାଚିତ ହୋଇ ପଦପଦବୀରେ ରହିଥିବା କର୍ମଚାରୀମାନେ ସରକାରୀ ନିୟମକୁ ଉଲ୍ଲଂଘନ କରି କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କିନ୍ତୁ ରିଜର୍ଭ କାର୍ଯ୍ୟାଳୟରେ ବସି ଜୁଆ ଖେଳୁଛନ୍ତି। ଏନେଇ କିଛି କର୍ମଚାରୀ ଏସ୍‌ପିଙ୍କୁ ପ୍ରମାଣ ସହିତ ଅଭିଯୋଗ ମଧ କରିଛନ୍ତି। ତେବେ ଏହି କର୍ମଚାରୀମାନେ ସଂଘ ଭୟ ଦେଖାଇ କାର୍ଯ୍ୟରେ ଯୋଗ ନ ଦେବା ସହିତ ଉପରିସ୍ଥ ଅଧିକାରୀଙ୍କୁ ମଧ ଚୁପ କରାଇଦେଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଏସ୍‌ପି ଅବିନାଶ କୁମାରଙ୍କୁ ପଚାରିବାରୁ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।

# ୧୦ ଦଫା ଦାବିରେ ବ୍ଲକ୍ କଂଗ୍ରେସର ବିକ୍ଷୋଭ



ବଡ଼ସାହି ବ୍ଲକ୍ କଂଗ୍ରେସ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ବଡ଼ସାହି, ୨୮।୨(ସ୍ୱ.ପ୍ର)

ବଡ଼ସାହି ବ୍ଲକ୍ କଂଗ୍ରେସ ୧୦ ଦଫା ଦାବିରେ ଗୁରୁବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ବ୍ଲକ କଂଗ୍ରେସ ସଭାପତି ଗୁଣନିଧି ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିକ୍ଷୋଭରେ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ମନୋରଞ୍ଜନ ବଳା, ପୂର୍ବତନ ଜିଲା ସଭାପତି କୈଳାସ ଚନ୍ଦ୍ର ଅଗ୍ରୱାଲ, ଯୁବନେତା ସଞ୍ଜୟ ବେହେରା, ପୂର୍ବତନ ଯୁବ କଂଗ୍ରେସ ସଭାପତି ଶଶାଙ୍କଶେଖର କର, ପ୍ରଭାକର ମହାଳିକ, ସମିତିସଭ୍ୟ ପାର୍ଥସାରଥି ପଣ୍ଡା, ବିରଂଚି ନାରାୟଣ ମହାପାତ୍ର, ଅକ୍ଷୟ ନାଥ ଏବଂ ହାଡ଼ିବନ୍ଧୁ ମହାପାତ୍ର ସାମିଲ ହୋଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଧାନର ଧାର୍ଯ୍ୟ କ୍ରୟ ଲକ୍ଷ୍ୟ ପୂରଣ , ଚାଷୀଙ୍କୁ ବୋନସ୍ ପ୍ରଦାନ, ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ବ୍ଲକ ଅଂଚଳକୁ ମଦମୁକ୍ତ କରିବା, ବଡ଼ସାହିରେ ସବରେଜିଷ୍ଟ୍ରି/ଟ୍ରେଜେରୀ ଅଫିସ ସ୍ଥାପନ, ତିତିଲି କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ଆଦି ୧୦ ଦଫା ଦାବି କରିଛି କଂଗ୍ରେସ। ବଡ଼ସାହି ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ।

# ଜାତୀୟ ବିଜ୍ଞାନ ଦିବସ ପ୍ରଶ୍ନମଞ୍ଚରେ ଭାଗ ନେଲେ ଛାତ୍ରୀଛାତ୍ର

ବଡ଼ସାହି, ୨୮।୨(ସ୍ୱ.ପ୍ର)

ବଡ଼ସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାମନ୍ଦିରର ୩୦ଜଣ ଛାତ୍ରୀଛାତ୍ର ଓ ୧୨୦ଜଣ ବିଜ୍ଞାନ ପ୍ରଶ୍ନ ମଂଚରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ବିଜ୍ଞାନ ଗୁରୁଜୀ ବିଶିକେସନ ପାତ୍ର ମା'ବାକଦେବୀଙ୍କ ନିକଟରେ ଧୂପପୁଷ୍ପ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଗୁରୁମା ସସ୍ମିତା ଭୂୟାଁ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ। ସେହିପରି ବଡ଼ସାହି ସରସ୍ୱତୀ ଶିଶୁ ମନ୍ଦିରରେ ଏହି ଦିବସ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମହାନ୍ତଙ୍କ ପୌରୋହିତ୍ୟରେ ୬୦ଛାତ୍ରୀଛାତ୍ର ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏ.ପି.ଜେ. ଅବଦୁଲ କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଗୁରୁମା ଗୁରୁଜୀମାନେ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍‌ର ସିଧା ପ୍ରସାରଣ

ବାଙ୍ଗିରିପୋଷି, ୨୮।୦୨(ଡି.ଏନ.ଏ)

ବାଙ୍ଗିରିପୋଷି ଷ୍ଟେଶନ ମିନି ଷ୍ଟାଡ଼ିୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଦେଖିଛନ୍ତି। କାର୍ଯ୍ୟକ୍ରମରେ ଭାଜପା ଜିଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଗଦା ମୁର୍ମୁ,୨୮ ନମ୍ବର ଜୋନ ସଭାପତି ଦୋଳଗୋବିନ୍ଦ ବେହେରା,୨୭ ନମ୍ବର ଜୋନ ସଭାପତି ବିକ୍ରମ ହାଁସଦା, ୨୮ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସରୋଜିନୀ ନାଏକ, ୨୭ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସଲମିତ ସୋରେନ, ନିର୍ବାଚନୀ ମଣ୍ଡଳୀ ପ୍ରଭାରୀ ଜଳନ୍ଧର ସାହୁ, ମୁଖପାତ୍ର କବି ବସ୍ତୁ ଶତପଥୀ, କୁଳିଅଣା ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାଏକ,ଜିଲା ଉପସଭାପତି ପୁରୁଷୋତ୍ତମ ନାଏକ, ଜିଲା ପରିଷଦ ସଭ୍ୟା ଗୀତା ହେମ୍ବ୍ରମ, ମହିଳା ନେତ୍ରୀ ଭାରତୀ ହାଁସଦା, ଜିଲା ସମ୍ପାଦକ ପ୍ରଦୀପ ମହାନ୍ତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବାସୁଦେବ ମହାରଣା, ସରପଂଚ ଚିତ୍ତରଂଜନ ନାଏକ,ପୂର୍ବତନ ସମିତି ସଭ୍ୟା ସାବିତ୍ରୀ ସିଂ,ତ୍ରିଲୋଚନ କର, ସଂଜୟ ଦତ୍ତ, ଶିବ ବିନ୍ଧାଣୀ,ଚନ୍ଦ୍ରକାନ୍ତ ସାହୁ, ସଂଜୟ ଅଗ୍ରୱାଲ ଏବଂ ଯୁବନେତା ବିପ୍ଳବ ଦାଶ ଯୋଗଦେଇଥିଲେ ।

■ ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟା

# ପଞ୍ଚମ ପର୍ଯ୍ୟାୟରେ ୧, ୯୫୧ କ୍ଷୁଦ୍ର ଜମାକାରୀ ଚିହ୍ନଟ



ଆସିଷ୍ଟାଣ୍ଟ କଲେକ୍ଟର ପ୍ରମିଳା ମଲ୍ଲିକ ଓ ବରିଷ୍ଠ କିରାଣି ଅଶୋକ ବେହେରା ରିପୋର୍ଟ ପ୍ରସ୍ତୁତ କରୁଛନ୍ତି।

**ମୁଣ୍ଡ ଟେକିପାରେ ବୃହତ ଜମାକାରୀଙ୍କ ଆନ୍ଦୋଳନ**

ବାରିପଦା ଅଫିସ, ୨୮।୨

ରାଜ୍ୟରେ ବହୁଚର୍ଚ୍ଚିତ ଚିଟ୍‌ଫଣ୍ଡ ଠକେଇ ଘଟଣାରେ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟା ଚାଲିଛି। ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପରେ ପଞ୍ଚମ ପର୍ଯ୍ୟାୟରେ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ରିପୋର୍ଟ ସଂଗ୍ରହ କରାଯାଉଛି। ଏଥିପାଇଁ ସେମାନେ ଖୁସିରେ ଅଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ସୂଚନା ମୁତାବକ, ଜିଲାରେ ପଞ୍ଚମ ପର୍ଯ୍ୟାୟରେ ୧୮ ହଜାର ୯୫୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇ ଡାଟାବେସ୍ ପ୍ରସ୍ତୁତ ହୋଇଛି। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୮୩ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୭୮ ଜଣ ବଣ୍ଡ ପେପର ଦେଇଥିଲେ। ଫଳରେ ସେମାନଙ୍କୁ ୯ ଲକ୍ଷ ୬୬ ହଜାର ୨୫୬ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ୪ ହଜାର ୫୦ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ହଜାର ୬୭୩ ଜଣ ବଣ୍ଡ ଦେଇଥିଲେ। ସେମାନଙ୍କୁ ୧ କୋଟି ୬୩ ଲକ୍ଷ ୩୧ ହଜାର ୩୫୫ ଟଙ୍କା ପ୍ରଦାନ କରାଯାଇଛି। ଏହା ବ୍ୟତୀତ କେବଳ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା ଠକେଇର ଶିକାର ହୋଇଥିବା ୧୧ ହଜାର ୨୦୨ ଜଣଙ୍କୁ ୪୧ କୋଟି ୪୩ ହଜାର ୨୭୪ ଟଙ୍କା ପ୍ରଦାନ କରାଯାଇଛି।

ତେବେ ସରକାର କେବଳ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ପ୍ରଦାନ କରିବାକୁ ପ୍ରକ୍ରିୟା କରିଛନ୍ତି। ପରେ ମଧ୍ୟମ ଓ ବୃହତ୍ ଜମାକାରୀଙ୍କୁ ସେମାନଙ୍କ ଟଙ୍କା ପ୍ରଦାନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଉଛି। ହେଲେ ସରକାର ଜମାକାରୀଙ୍କୁ ବିଭାଜନ କରୁଥିବା ଅଭିଯୋଗ ହୋଇଛି। ସରକାର ଏବେ ସମସ୍ତଙ୍କୁ ଏକାସାଙ୍ଗରେ ଟଙ୍କା ଫେରସ୍ତ କରିବା ପାଇଁ ଚିନ୍ତା କରନ୍ତୁ। ନ ହେଲେ ଜିଲାରେ ଏକ ବଡ଼ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ବୃହତ୍ ଜମାକାରୀଙ୍କ ମହଲରେ ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ଜମାକାରୀଙ୍କ ଟଙ୍କା ଫେରସ୍ତ କରିବା ପାଇଁ କର୍ପସ ପାଣ୍ଠି ଗଠନ କରିଥିଲେ। କ୍ଷୁଦ୍ର ଜମାକାରୀମାନଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବା ପାଇଁ ଜମାକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ୧୦ ହଜାରରୁ କମ୍ ଡିପୋଜିଟ୍ କରିଥିବା ଜମାକାରୀଙ୍କୁ ଏହି ଅର୍ଥ ଫେରସ୍ତ କରାଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟର ବିଚାର ବିଭାଗ ଆସିଷ୍ଟାଣ୍ଟ କଲେକ୍ଟର ପ୍ରମିଳା ମଲ୍ଲିକ ଓ ବରିଷ୍ଠ କିରାଣି ଅଶୋକ କୁମାର ବେହେରା ଏଥିପାଇଁ ସ୍ୱତନ୍ତ୍ର ଭାବେ ନିୟୋଜିତ ଅଛନ୍ତି।



## ସଂକ୍ଷେପରେ

### ସ୍ଥିତି ଅନୁଧ୍ୟାନ କଲେ କଂଗ୍ରେସ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ

ଭଦ୍ରକ ଅଫିସ, ୨୮।୨: ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନରେଶ ମହାନ୍ତି ୧୦ ଦିନ ଧରି ଭଦ୍ରକରେ ଡେରା ପକାଇଥିଲେ। ଭଦ୍ରକ ଲୋକସଭା ସଂସଦୀୟ କ୍ଷେତ୍ରରେ ପଞ୍ଚାୟତସ୍ତରରୁ ଲୋକଙ୍କ ମତାମତ ସଂଗ୍ରହ କରି ପ୍ରାର୍ଥୀ ଚୟନ କରାଯିବା ପାଇଁ ପର୍ଯ୍ୟବେକ୍ଷକ ପଠାଇ ତଥ୍ୟ ସଂଗ୍ରହ କରୁଛି ଜାତୀୟ କଂଗ୍ରେସ। କେଉଁ ଆସନ ପାଇଁ କେତେ ଆଶାୟୀ ଅଛନ୍ତି, ସେମାନଙ୍କର ବ୍ୟକ୍ତିଗତ ଲୋକପ୍ରିୟତା କିପରି ଅଛି, ଭୋଟରଙ୍କ ମତାମତ, ଜାତିଗତ ଭୋଟରଙ୍କ ମତାମତ, କେଉଁ ନେତା ଦଳ ଛାଡିଛନ୍ତି ଓ ସେମାନଙ୍କ ସମସ୍ୟା, ଭଦ୍ରକରେ କଂଗ୍ରେସର ପୂର୍ବ ସ୍ଥିତି ଭଳି ଅନେକ ତଥ୍ୟ ସଂଗ୍ରହ ସକାଶେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମହାନ୍ତି ଭଦ୍ରକରେ ଡେରା ପକାଇଥିଲେ ବୋଲି ସୂଚନା ମିଳିଛି। ଆଶାୟୀ ନେତାମାନଙ୍କୁ ନେଇ ଅଞ୍ଚଳର ମହିଳା ସଂଗଠନ ଓ ମୁଖ୍ୟତଃ ଯୁବଗୋଷ୍ଠୀ କ'ଣ କହୁଛନ୍ତି ସେନେଇ ଲିଖିତ ରେକର୍ଡ ସଂଗ୍ରହ କରିଥିବା ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ବାସୁଦେବପୁର, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଭଦ୍ରକ, ଧାମନଗର ବିଧାନସଭା କ୍ଷେତ୍ର ଓ ଲୋକସଭା ଆଶାୟୀ ପ୍ରାର୍ଥୀଙ୍କ ସ୍ଥିତାବସ୍ଥା ନେଇ ସେ ଅନୁଧ୍ୟାନ କରି ଫେରିଛନ୍ତି। କଂଗ୍ରେସ ପ୍ରତି ଲୋକଙ୍କ ଭୋଟ୍ ହାର କମୁଥିବାର ବିଭିନ୍ନ କାରଣ ଓ ଦିଗ ପ୍ରତି ସେ ତର୍ଜମା କରି ଭୁବନେଶ୍ୱର ଫେରିଯାଇଛନ୍ତି।

### ଜାତୀୟ ବିଜ୍ଞାନ ଦିବସ

ଭଣ୍ଡାରିପୋଖରୀ, ୨୮।୨ (ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟଠାରେ ଗୁରୁବାର ଜାତୀୟ ବିଜ୍ଞାନ ଦିବସ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ସାହୁ, ବିଭୂତି ମହାନ୍ତି, ଗାୟତ୍ରୀ ସାହୁ, ଲକ୍ଷ୍ମୀପ୍ରିୟା ଶତପଥୀ, ଅମିତା ଜେନା, ନରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ଜାତୀୟ ବିଜ୍ଞାନ ଦିବସର ବାର୍ତ୍ତା ଓ ବିଜ୍ଞାନର ଜୟଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ସାଗର ବାରିକ ଓ ଇତିସ୍ମିତ ଦ୍ୱିବେଦୀ ବିଜ୍ଞାନଭିତ୍ତିକ ସଙ୍ଗୀତ ଗାନ କରିଥିଲେ। ମଧୁସ୍ମିତା ପରିଡ଼ା ଉଦ୍ଦେଶ୍ୟ ଜ୍ଞାପନ ଓ ଦୀପ୍ତିପ୍ରଭା ବେହୁରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ବିଶ୍ୱଶାନ୍ତି ପତାକା ଉତ୍ତୋଳନ

ଧାମନଗର, ୨୮।୨ (ଡି.ଏନ.ଏ.): ଧାମନଗର ବ୍ଲକ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ରାଜଯୋଗ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ଆଧ୍ୟାତ୍ମିକ ସଭା ସହିତ ବିଶ୍ୱଶାନ୍ତି ପାଇଁ ପତାକା ଉତ୍ତୋଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଜିଲା ମୁଖ୍ୟକେନ୍ଦ୍ରର ପରିଚାଳିକା ମଞ୍ଜୁ ଭଉଣୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ଓଝା, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ମନୋଜ ଜେନା ଓ ହେମେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନୁପମା, ରତ୍ନାକର, ଜୟନ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମତ୍ସ୍ୟଜୀବୀ ସଂଘର ବାର୍ଷିକ ବୈଠକ

ଚାନ୍ଦବାଲି, ୨୮।୨ (ଡି.ଏନ.ଏ.): ଚାନ୍ଦବାଲି ଚନ୍ଦନୀପାଳ ବାଲିଚର ମତ୍ସ୍ୟଜୀବୀ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ମତ୍ସ୍ୟଜୀବୀ ଏକତ୍ର ହୋଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ମାଛଧରା ବେସ୍‌ରୁ ପ୍ରତିବର୍ଷ ବହୁ ମାଛ ବିଦେଶକୁ ରପ୍ତାନି ହେଉଥିଲେ ମଧ୍ୟ ମତ୍ସ୍ୟଜୀବୀଙ୍କ ସମସ୍ୟା ପ୍ରତି ସରକାର ଅଣଦେଖା କରୁଥିବାରୁ ସେମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଥିଲେ। ମତ୍ସ୍ୟଜୀବୀମାନେ ମାଛ ନିଲାମ କରୁଥିବା ଜାଗାକୁ ସେମାନଙ୍କ ନାମରେ ପଟ୍ଟା ପ୍ରଦାନ, ନିଲାମସ୍ଥଳକୁ ସବୁଦିନିଆ ରାସ୍ତା ନିର୍ମାଣ, ଚନ୍ଦନୀପାଳରେ ସରକାରୀ ବରଫକଳ ପ୍ରତିଷ୍ଠା, ମାଛଧରା ଜେଟି ନିର୍ମାଣ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ମତ୍ସ୍ୟଜୀବୀଙ୍କ ପାଇଁ ସୁଲଭ ଶୌଚାଳୟ ନିର୍ମାଣ, ସୁରକ୍ଷା ପାଇଁ ରାତ୍ରିକାଳୀନ ପୋଲିସ ପହରା ବ୍ୟବସ୍ଥା କରାଯିବା ନେଇ ସଂଘ ପକ୍ଷରୁ ରାଜ୍ୟ ସରକାର ଓ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବାଲିଚର ମତ୍ସ୍ୟଜୀବୀ ସଂଘ ସଭାପତି ଅମଲ କୁମାର ଜାନା, ସମ୍ପାଦକ ଗୟାଧର ନାୟକ, ଅଶୋକ ଗିରି, ଅଶୋକ ଜାନା, ମୁଜିବୁର ଅଲ୍ଲିଖାଁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ଭାଜପାର ବିଜୟ ସଂକଳ୍ପ ସମାବେଶ

# 'କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ସରକାର ବାଧକ'

ଭଣ୍ଡାରିପୋଖରୀ, ୨୮।୨ (ଡି.ଏନ.ଏ.)

କେନ୍ଦ୍ରରେ ମୋଦି ସରକାର ସବୁବେଳେ ଗରିବଙ୍କ ଚିନ୍ତା କରୁଛନ୍ତି। ସାଧାରଣ ଲୋକେ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇବାରେ ରାଜ୍ୟ ସରକାର ବାଧକ ସାଜୁଛନ୍ତି। ଏହି ବାଧାକୁ ଦୂର କରିବା ଲାଗି ରାଜ୍ୟରେ ସରକାର ପରିବର୍ତ୍ତନ କରି ଭାଜପା ସରକାର ପ୍ରତିଷ୍ଠା ପାଇଁ ଦଳୀୟ କର୍ମୀମାନେ ସଂକଳ୍ପ ନେବାକୁ ଭାଜପା କେନ୍ଦ୍ରୀୟ ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅରୁଣ ସିଂ ଆହ୍ୱାନ ଦେଇଛନ୍ତି। ସେହିଭଳି ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରାଇ ଦେଉନାହାନ୍ତି। କୃଷକଙ୍କ ତାଲିକା କେନ୍ଦ୍ରକୁ ନ ପଠାଇବା, ଧାମନଗର ଛକଠାରେ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ନ ଯୋଗାଇବା, ସ୍ୱଚ୍ଛ ପାନୀୟ ଜଳ ଟୋପାଏ ଲୋକଙ୍କୁ ଯୋଗାଇ ଦେବାରେ ଏ ସରକାର ଅସମର୍ଥ ବୋଲି କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସିଂ ଭଣ୍ଡାରିପୋଖରୀ ବ୍ଲକ ବାରିକପୁର କଲେଜ ପଡ଼ିଆଠାରେ ଭଣ୍ଡାରିପୋଖରୀ ବିଧାନସଭାସ୍ତରୀୟ ବିଜୟ ସଂକଳ୍ପ ସମାବେଶରେ କହିଥିଲେ।

ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ ସମାବେଶରେ ଅଧ୍ୟକ୍ଷତା କରିଥିଲେ।



ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିବା ଅତିଥିମାନେ।

ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ବକ୍ତବ୍ୟ ରଖିଥିଲେ, କେନ୍ଦ୍ର ସରକାରଙ୍କ ଟଙ୍କିକିଆ ଚାଉଳ ଦେଇ ରାଜ୍ୟ ସରକାର ବାହାବା ନେଉଛନ୍ତି। ଯେଉଁଠି ୩୨ ପ୍ରତିଶତ ଜମି ଜଳସେଚିତ ସେଠି ବିକାଶ କ'ଣ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଧାମନଗର ଛକଠାରେ ୧୯୭୧ କୋଟି ଟଙ୍କାର ଟେକ୍ସଟାଇଲ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେଉନାହାନ୍ତି। ମଦ କାରଖାନା ଲାଗି ଜମି ଅଛି, ଟେକ୍ସଟାଇଲ ପ୍ରକଳ୍ପ ପାଇଁ ଜମି ନାହିଁ। ଏହି ସରକାର ସମୟରେ ୨୨ ଲକ୍ଷ ଯୁବକ ଏମ୍ପ୍ଲୋଇମେଣ୍ଟ ପାଇଁ ନାମ ତାଲିକାଭୁକ୍ତ କରିବସିଛନ୍ତି। ବାଧହୋଇ ଯୁବକମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ବୋଲି ସେ ଧିକ୍କାର କରିଥିଲେ। ସମାବେଶରେ ଯୋଗ ଦେଇଥିବା ଚଳଚ୍ଚିତ୍ର ଅଭିନେତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅପରାଜିତା ମହାନ୍ତି କହିଥିଲେ, ଆମେ ଭାରତବାସୀ ଶାନ୍ତି ପ୍ରିୟ। ପାକିସ୍ତାନ ଆତଙ୍କୀ ହମ୍‌ଲାର କ'ଣ ଜବାବ ଦେଲେ ଉପଯୁକ୍ତ ପ୍ରମାଣ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ସବୁଠି ଅଶୁଦ୍ଧ ବାତାବରଣ ଚାଲିଛି। ଏହାର ପରିବର୍ତ୍ତନ ହେବା ଦରକାର। ସୁନ୍ଦର ଓଡ଼ିଶା ଓ ସମସ୍ତଙ୍କ ସ୍ୱପ୍ନ ସାକାର ଲାଗି ଆଗାମୀ ନିର୍ବାଚନରେ ଭାଜପା ସରକାର କରି ବିକାଶର ଧାରା ଦେଖାଇଦେବା ବୋଲି ଏହି ସମାବେଶରେ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ, ଡା. ପ୍ରଦୀପ ନାୟକ, ଶରତ ଦାସ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆ, ଯୁବ ମୋର୍ଚ୍ଚା ସଭାପତି ସୁରେଶ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଶହୀଦ ବୀର ଯବାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭା ଶେଷରେ ଏଲ୍‌ଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଳାପର ସିଧାପ୍ରସାରଣ ଲୋକେ ଦେଖିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମଣ୍ଡଳ ସଭାପତି, ଜିଲା କାର୍ଯ୍ୟକାରିଣୀ କମିଟି ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବର୍ତ୍ତନ ସମାବେଶରେ ପହଞ୍ଚିପାରିଲେନି କେନ୍ଦ୍ରୀୟ ନେତା

ଚାନ୍ଦବାଲି, ୨୮।୨ (ଡି.ଏନ.ଏ.)

ଚାନ୍ଦବାଲି କାଳୀପଡ଼ିଆରେ ଭାଜପା ପକ୍ଷରୁ ପରିବର୍ତ୍ତନ ସମାବେଶ ଗୁରୁବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ କେନ୍ଦ୍ରୀୟ ନେତା ତଥା ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କ ସମେତ ଅନ୍ୟ କେତେକ ରାଜ୍ୟସ୍ତରୀୟ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସେମାନଙ୍କୁ ଭଦ୍ରକରୁ ନେଇଆସୁଥିବା ହେଲିକପ୍ଟର ଚାନ୍ଦବାଲି କାଳୀପଡ଼ିଆରେ ଅବତରଣ କରିବାକୁ ଚେଷ୍ଟା କରି ବିଫଳ ହେବାରୁ କେନ୍ଦ୍ରୀୟ ନେତା ସମାବେଶରେ ପହଞ୍ଚି ନ ପାରି ଫେରି ଯାଇଥିଲେ। ଅପେକ୍ଷା କରିଥିବା ଦଳୀୟ କର୍ମୀମାନେ ନିରାଶ ହୋଇ ଫେରିଥିଲେ। ଭାଜପା ନେତା କମଳାକାନ୍ତ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ଯୋଗଦେଇ ଆଗାମୀ ନିର୍ବାଚନରେ ବିଜେଡି ସରକାରକୁ ପ୍ରତ୍ୟାଖ୍ୟାନ କରିବାକୁ ଉପସ୍ଥିତ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ଜିଲା ସଭାପତି ବଦ୍ରିନାରାୟଣ ଧଳ, ପୂର୍ଣ୍ଣଚନ୍ଦ୍ର ପାଣି, ଶରତ ଦାସ, କାହ୍ନୁ ବେହେରା, ବିଶ୍ୱକେଶରୀ ମହାନ୍ତି, ମନୋଜ ଭଳ, ମୁକ୍ତିକାନ୍ତ ନାୟକ, ଅଧର ମଲ୍ଲିକ ପ୍ରମୁଖଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ ପ୍ରମୁଖ ସମାବେଶରେ ଉପସ୍ଥିତ ଥିଲେ।

## ଆଇନଜୀବୀ ସାମ୍ମୁଖ୍ୟ ଜିଲା ସମ୍ମିଳନୀ

ଭଦ୍ରକ ଅଫିସ, ୨୮।୨

ଭଦ୍ରକ ଟାଉନ ହଲ୍‌ଠାରେ ବିଜୁ ଜନତା ଦଳର ଆଇନଜୀବୀ ସାମ୍ମୁଖ୍ୟର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ତଥା ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ପବନ ଶର୍ମା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ବିଜେଡି ଆଇନଜୀବୀ ପରିଷଦର ପରାମର୍ଶଦାତା ଅସିମ ଅମିତାଭ ଦାସ, ରାଜ୍ୟ ଆବାହକ ମିଲ୍ କାନୁନ୍‌ଗୋ, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ମହାନ୍ତି, ଅରୂପାନନ୍ଦ ଦସ, ଅନ୍ୟତମ ପରାମର୍ଶଦାତା ଦୀପକ ପାଣି ଯୋଗଦେଇ ସରକାରଙ୍କ ଆଇନଜୀବୀଙ୍କ ପାଇଁ ସଂଗଠିତ ଆର୍ଥିକ ସହାୟତା ବିଷୟରେ ମତ ରଖିଥିଲେ। ଭଦ୍ରକ ଓକିଲ ସଂଘ ସମ୍ପାଦକ ବିଜନ ଜେନା ଆଇନଜୀବୀଙ୍କ ସମସ୍ୟା ବିଷୟରେ ଉପସ୍ଥାପନ କରିଥିଲେ। ଆଇନଜୀବୀ ଗଦାଧର ବଳ ମଞ୍ଚ ଆମନ୍ତ୍ରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଧୀରେନ୍ଦ୍ର ନାୟକ, ଗୋପବନ୍ଧୁ ଦୀକ୍ଷିତ, ସନ୍ତୋଷ ଆଚାର୍ଯ୍ୟ, ଧୀରେନ୍ଦ୍ର ରାୟ, ଗୋଲକ ଦାସ, ଅମର ବାରିକ, ଯତିକାନ୍ତ ନାୟକ, ଦେବାଶିଷ ନାୟକ, ସତ୍ୟସୁନ୍ଦର ପତି, ଜିତେନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ବିଶ୍ୱାଳଙ୍କ ସମେତ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ବଟକୃଷ୍ଣ ଦାଶ ଓ ହାଜି ସେକ୍ ସୋଫିୟାନଙ୍କୁ ସମ୍ମାନିତ କରାଯାଇଥିଲା।

ଭଦ୍ରକ ଜିଲାର ଜନନେତା, ଧାମନଗରର ପୂର୍ବତନ ବିଧାୟକ, ଦୈନିକ ଖବରକାଗଜ 'ସକାଳ'ର ପ୍ରତିଷ୍ଠାତାଙ୍କର ୨୯ତମ ଶ୍ରାଦ୍ଧ ଦିବସରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି....
Sanjib Hero - Bhadrak, Sanjib Hero - Puri, Sanjib Autoparts, Sanjib Jewels, Agrani Guest House, Agrani Press, Mallick Commercial Complex
ଏବଂ ଦୈନିକ 'ସକାଳ' ପରିବାର।



ହୃଦାନନ୍ଦ ମଲ୍ଲିକ

## ପ୍ରତିଶ୍ରୁତି ସତ୍ତ୍ୱେ ମିଳିଲାନି ରାଶନ କାର୍ଡ

**ହିତାଧିକାରୀଙ୍କ ସହ ଧାରଣା ଦେବ ସଂଗ୍ରାମ ସେନା**

ଚାନ୍ଦବାଲି, ୨୮।୨ (ଡି.ଏନ.ଏ.)

ପ୍ରତିଶ୍ରୁତି ସତ୍ତ୍ୱେ ହିତାଧିକାରୀଙ୍କୁ ମିଳିଲାନି ରାଶନ କାର୍ଡ। ଆସନ୍ତା ମାର୍ଚ୍ଚ ୨ ତାରିଖରେ ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛି ସଂଗ୍ରାମ ସେନା। ଚାନ୍ଦବାଲି ବ୍ଲକ ଓ ଏନ୍‌ଏସିର ୯୦ ଲୋକ ରାଶନ କାର୍ଡ ପ୍ରଦାନ ପାଇଁ ସଂଗ୍ରାମ ସେନା ମାଧ୍ୟମରେ ଗତବର୍ଷ ଡିସେମ୍ବର ୧୮ ତାରିଖରେ ବିଡିଓ ଏବଂ ଏନ୍‌ଏସି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାଗଜପତ୍ର ତନଖି ପରେ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯିବ ବୋଲି ସେତେବେଳେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଏହାମଧ୍ୟରେ ୨ ମାସ ବିତିଯାଇଥିଲେ ମଧ୍ୟ ଏ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଶେଷରେ ବାଧ୍ୟହୋଇ ଆବେଦନ କରିଥିବା ହିତାଧିକାରୀଙ୍କୁ ନେଇ ସଂଗ୍ରାମ ସେନା ପକ୍ଷରୁ ଧାରଣା ଦିଆଯିବ ବୋଲି ବୁଧବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସଂଗ୍ରାମ ସେନା ପକ୍ଷରୁ ବିଡିଓଙ୍କୁ ଅବଗତ କରାଯାଇଛି। ସଂଗ୍ରାମ ସେନା ଆବାହକ ପ୍ରଫୁଲ୍ଲ ସାହୁ, ଆଶିଷ ବେହେରା, ଭାରତ ଭୂଷଣ ରାୟ, ସୁକାନ୍ତ ନାୟକ, ରତିକାନ୍ତ ସାହୁ, ମୁରଲୀଧର ପରିଡା, ସୁକାନ୍ତ ମହାଲିକ ଓ ଗୋପୀରାମ ଅଗ୍ରୱାଲା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ୮ ପ୍ରକଳ୍ପର ଶିଳାନ୍ୟାସ

ତିହିଡ଼ି, ୨୮।୨ (ଡି.ଏନ.ଏ.)

ଧାମନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିହିଡ଼ି ବ୍ଲକର ତଳଗୋପବିନ୍ଧା, କୁବେରା ଓ ବିଲଣା ପଞ୍ଚାୟତରେ ଗୁରୁବାର ୮ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିଥିଲେ। ୨୧.୨୯ ଲକ୍ଷ ଟଙ୍କା ବ୍ୟୟରେ ମାତଗଜପୁରଠାରେ ନାଳିଆ ନଦୀର ବାମପାର୍ଶ୍ୱ ନଦୀବନ୍ଧ ପୁନରୁଦ୍ଧାର, ୪୨.୪୯ ଲକ୍ଷ ବ୍ୟୟରେ ତଳଗୋପ ପୋଲଠାରୁ ନାୟକସାହି ପର୍ଯ୍ୟନ୍ତ ଏବଂ ରାଜୁଆଳିବିନ୍ଧା ପ୍ରାଥମିକ ସ୍କୁଲଠାରୁ ତଳଗୋପ ଐଶାନ୍ୟଚଣ୍ଡି ପର୍ଯ୍ୟନ୍ତ ନାଳିଆ ନଦୀର ବାମପାର୍ଶ୍ୱ ବନ୍ଧର ଉନ୍ନତୀକରଣ, ୨୯.୫୨ ଲକ୍ଷରେ ତଳଗୋପ ପୋଲଠାରୁ ନାୟକସାହି ପର୍ଯ୍ୟନ୍ତ ନାଳିଆନଦୀର ଦକ୍ଷିଣପାର୍ଶ୍ୱ କୂଳ ବନ୍ଧର ପୁନରୁଦ୍ଧାର, ୨୯.୪୯ ଲକ୍ଷରେ ତଳଗୋପବିନ୍ଧା ନାୟକସାହିଠାରୁ ବିଲଣା ପର୍ଯ୍ୟନ୍ତ ନାଳିଆ ନଦୀର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ଉନ୍ନତୀକରଣ, ୩୨.୬୫ ଲକ୍ଷରେ ସାଳନ୍ଦୀ ନଦୀର ଦକ୍ଷିଣପାର୍ଶ୍ୱ କୂଳ ବନ୍ଧର ଉନ୍ନତୀକରଣ ଆଦି ରହିଛି। ସେହିପରି ୪୧ ଲକ୍ଷ ଟଙ୍କା ବ୍ୟୟରେ ନାଳିଆ ନଦୀର ବିଲଣାଠାରୁ ବାରୋ ପର୍ଯ୍ୟନ୍ତ ଉଭୟପାର୍ଶ୍ୱ କୂଳବନ୍ଧର ପୁନରୁଦ୍ଧାର, ୮୪.୧୨ ଲକ୍ଷରେ ମିରିପୁରଠାରେ ସାଳନ୍ଦୀ ନଦୀରେ ପୋଲ ନିର୍ମାଣ, ୨.୨୦ କୋଟି ଟଙ୍କାରେ ଦୋଳସାହି-ଗୁଆମାଳ-ବୋଡ଼କ ପୂର୍ତ୍ତ ବିଭାଗ ରାସ୍ତାର ଧଳିପୋଲଠାରୁ ଗୁଡୁପାଳ ପର୍ଯ୍ୟନ୍ତ ଗୋପାଳିଆ କେନାଲର ବାମପାର୍ଶ୍ୱ ନଦୀବନ୍ଧ ରାସ୍ତାର ଉନ୍ନତୀକରଣ, ୩୦ ଲକ୍ଷ ଟଙ୍କା ବ୍ୟୟରେ କୁବେରା ପଞ୍ଚାୟତ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରାଯାଇଥିଲା। ସାଳନ୍ଦୀ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ସାହୁ, କନିଷ୍ଠଯନ୍ତ୍ରୀ ଦୁର୍ଗାପ୍ରସନ୍ନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ଉପାଧ୍ୟକ୍ଷ ମାନସ ପାଠୀ, ଜିଲାପରିଷଦ ସଭ୍ୟ ଚିନ୍ତାମଣି ଦାସ ଓ କମଳାକାନ୍ତ ଦାସ, ସରପଞ୍ଚ ଭାଗୀରଥି ମଳିକ, ଶଶଧର ସାମଲ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା, ସମିତିସଭ୍ୟ ମଦନ ନାୟକ ଓ ଶୁଭଶ୍ରୀ ମଳିକ, ଯତୀନ୍ଦ୍ର ବେହେରା, ବିଶ୍ୱଜିତ ନାୟକ, ଶିଶିର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ଶିଳାନ୍ୟାସ ପରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ(ଡାହାଣରୁ ପ୍ରଥମ) ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ୪୯୪ ହିତାଧିକାରୀଙ୍କୁ ଭତ୍ତା

ତିହିଡ଼ି, ୨୮।୨ (ଡି.ଏନ.ଏ.)

ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅପରାହ୍ଣରେ ୪୯୪ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜାତୀୟ ସାମାଜିକ ସହାୟତା ଓ ମଧୁବାବୁ ପେନ୍‌ସନ ଯୋଜନାରେ ଏହି ଭତ୍ତା ପ୍ରଦାନ କରାଯାଇଥିଲା। ୩୯୬ ଜଣଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ, ୫୯ ଜଣଙ୍କୁ ବିଧବା, ୧୨ ଜଣଙ୍କୁ ଭିନ୍ନକ୍ଷମ, ୫ ଜଣଙ୍କୁ ଅବିବାହିତା ମହିଳା ଏବଂ ୨୨ଜଣଙ୍କୁ ଜାତୀୟ ଭତ୍ତା ବଣ୍ଟନ କରାଯାଇଥିଲା। ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପୌରୋହିତ୍ୟ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ବିଧାୟକଙ୍କ ପ୍ରତିନିଧି ଚିନ୍ତାମଣି ଦାସ ଓ ପ୍ରଶାନ୍ତ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀ, ସମିତିସଭ୍ୟ ଦାଶରଥି ମହାପାତ୍ର, ସରପଞ୍ଚ ସୁଶାନ୍ତ ମଳିକ, କୀର୍ତ୍ତନ ରାଉତ ଓ ଶଶଧର ସାମଲ ବକ୍ତବ୍ୟ ରଖିଥିଲେ। ସରପଞ୍ଚଙ୍କ ପ୍ରତିନିଧି ନିତ୍ୟାନନ୍ଦ ବେହେରା, ନରେନ୍ଦ୍ର ବାରିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତି ଓ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବନମାଳୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ



ଧୂଷୁରୀ ଶ୍ରୀଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବରେ ଆୟୋଜିତ ଧର୍ମସଭା।

ଧାମନଗର, ୨୮।୨ (ଡି.ଏନ.ଏ.)

ଧାମନଗର ବ୍ଲକ ଧୂଷୁରୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ୨ୟ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୩ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ସହିତ ବାର୍ଷିକ ମୁଖପତ୍ର 'ଶଙ୍ଖ ନାଭି' ଉନ୍ମୋଚନ କରାଯାଇଥିଲା। ମହନ୍ତ ରାମହରି ଗୋସ୍ୱାମୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କୋଠାର ରାମକୃଷ୍ଣ ମିଶନ ସମ୍ପାଦକ ବସୁ ପ୍ରଜ୍ଞାନନ୍ଦ ମହାରାଜ, ବାବାଜୀ ଚରଣ ପଣ୍ଡା, ହେମନ୍ତ ସୂତାର, ମାନସ ସାହୁ, ମନ୍ଦିର କମିଟି ସଭାପତି ନିଶିକାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ସହିତ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ପଣ୍ଡିତ ଦେବବ୍ରତ ଦାସ ଜଗନ୍ନାଥ ସଂସ୍କୃତି ଆଧାରିତ ପ୍ରବଚନ ପ୍ରଦାନ କରିଥିଲେ। ବୁଧବାର ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ପୁରୀରୁ ୩ ପୂଜା ପଣ୍ଡା ଉପସ୍ଥିତ ଥିଲେ। ବୁଧବାର ସନ୍ଧ୍ୟାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଣ୍ଡିତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶ୍ରୀଜଗନ୍ନାଥଙ୍କ ପୂଜାପଣ୍ଡା କୃଷ୍ଣଚନ୍ଦ୍ର ପୂଜାପଣ୍ଡା, ବଳଭଦ୍ରଙ୍କ ପୂଜାପଣ୍ଡା କୃପାସିନ୍ଧୁ ପୂଜାପଣ୍ଡା ଏବଂ ମା' ସୁଭଦ୍ରାଙ୍କ ପୂଜାପଣ୍ଡା ଭାବେ ଲୋକନାଥ ପୂଜାପଣ୍ଡା ଧର୍ମସଭାରେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ପୂଜା କମିଟି ସଭାପତି ନିଶିକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ। ଦେବାନନ୍ଦ ହୋତା ଉଦ୍ଦେଶ୍ୟ ଜ୍ଞାପନ ଓ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଦର ବୁଲି ଦେଖିଲେ ଛାତ୍ରୀଛାତ୍ର

ଭଦ୍ରକ ଅଫିସ, ୨୮।୨

ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଭଦ୍ରକ ଜିଲାର ବହୁ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ବୁଧବାର ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଓ ଟେକ୍ନୋଲୋଜିର ୫୫ରୁ ଉର୍ଦ୍ଧ୍ୱ ଯାନ୍ତ୍ରିକ ବିଭାଗର ଛାତ୍ରୀଛାତ୍ର ଧାମରା ବନ୍ଦର ଭ୍ରମଣରେ ଯାଇଥିଲେ। ଛାତ୍ରୀଛାତ୍ର 'ଉଡାନ୍' କାର୍ଯ୍ୟକ୍ରମ ଅନ୍ତର୍ଗତ ବନ୍ଦରର ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ସେଥିରେ ବ୍ୟବହୃତ ହେଉଥିବା ଯନ୍ତ୍ରାଂଶ ଓ ତାହାର ପରିଚାଳନା ବିଷୟରେ ସେଠାରେ ଉପସ୍ଥିତ ଅଭିଜ୍ଞ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଔଦ୍ୟୋଗିକ କ୍ଷେତ୍ରରେ ରୁଚି ଉତ୍ପନ୍ନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଉଡାନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଆଦାନୀ ଫାଉଣ୍ଡେଶନ ପ୍ରୟାସ ଜାରି ରଖିଛି।

## ବକେୟା ବିଲ୍ ନ ମିଳିବାରୁ

# ଆହାରକେନ୍ଦ୍ରରେ ତାଲା ପକାଇଲେ ଠିକାଦାର

ଚାନ୍ଦବାଲି, ୨୮।୨ (ଡି.ଏନ.ଏ.)

ନିର୍ମାଣ କାମ ସରିବା ପରେ ବକେୟା ବିଲ୍ ନ ମିଳିବାରୁ ଠିକାଦାର ଗୁରୁବାର ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ଆହାରକେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଫଳରେ ଖାଦ୍ୟର ଟୁକନ ଇସ୍ୟୁ ହୋଇ ନ ପାରି ପ୍ରାୟ ୩ ଶହ ମିଲ୍ ନଷ୍ଟ ହୋଇଛି। ସୂଚନା ଅନୁସାରେ, ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟବରାଦରେ ଚାନ୍ଦବାଲି ତହସିଲ ନିକଟରେ ଆହାରକେନ୍ଦ୍ର ନିର୍ମାଣ ହୋଇଛି। ଠିକାଦାର ନିରୂପମା ସିଂ ନିଜର ବକେୟା ବିଲ୍ ପ୍ରାୟ ୧୦ ଲକ୍ଷ ୭୫ ହଜାର ଟଙ୍କା ଅଦ୍ୟାବଧି ପାଇନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ବାରମ୍ବାର ଏନ୍‌ଏସି ଅଫିସକୁ ଯାଇ ମଧ୍ୟ ବିଲ୍ ନ ପାଇବାରୁ ସେ ଗୁରୁବାର ଆହାରକେନ୍ଦ୍ରର ଭୋଜନ କକ୍ଷରେ ତାଲା ପକାଇଥିଲେ ବୋଲି ପ୍ରକାଶ କରିଛନ୍ତି। ଖାଇବାକୁ ଟୁକନ ପାଇଁ ଆସିଥିବା ଲୋକେ ଫେରିଯାଇଥିଲେ। ଖବର ପାଇ ଏନ୍‌ଏସି ନିର୍ବାହୀ ଅଧିକାରୀ, ସହକାରୀ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ପୋଲିସ ସେଠାରେ ପହଞ୍ଚିଥିଲେ। ମାତ୍ର ତାଲା ଖୋଲିବାକୁ ସେମାନେ ସମର୍ଥ ହୋଇ ନ ଥିଲେ। ପରେ ଆହାରକେନ୍ଦ୍ରରୁ ତାଲା ଖୋଲାଯାଇଥିଲେ ମଧ୍ୟ ମିଲ୍ ବିକ୍ରୟରେ ସମସ୍ୟା ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି।


ପୋଲିସ ଉପସ୍ଥିତିରେ ଆହାରକେନ୍ଦ୍ରର ତାଲା ଖୋଲାଯିବାକୁ ଚେଷ୍ଟା ଚାଲିଛି।

## ସଂକ୍ଷେପରେ

### ସୁନ୍ଦରାପାଳ ସ୍କୁଲ ବାର୍ଷିକ ଉତ୍ସବ

ହାଟଡିହୀ, ୨୮।୨(ଡି.ଏନ୍.ଏ.): ହାଟଡ଼ିହୀ ବ୍ଲକ ସୁନ୍ଦରାପାଳ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ ସ୍ୱାଇଁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ସ୍ୱରୂପାରାଣୀ ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ଶରତ ଜେନା, ରବୀନ୍ଦ୍ର ଜେନା, ସଞ୍ଜୟ ସ୍ୱାଇଁ, ଶରତ ଶାସନୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ପରିବେଷଣ ଏବଂ ଏକକ ଅଭିନୟ ଅନୁଷ୍ଠିତ ହୋଇଥିଲା। କମିଟି ଚେୟାରମ୍ୟାନ ପ୍ରମୋଦ ଜେନା, ମନୁ ପାତ୍ର, ମୋତି ନାୟକ, କୃଷ୍ଣ ମୁଣ୍ଡା, ସନ୍ଧ୍ୟାରାଣୀ ମହାରଣା, ମନମୋହନ ଜେନା, ରବୀନ୍ଦ୍ର ମୁଦୁଲି, ତପସ୍ୱିନୀ ସାମଲ, ସୁଶ୍ରୀ ସଙ୍ଗୀତା ମିଶ୍ର, ଅନିମା ଦେହୁରି, ଭାରତୀ ପ୍ରଭା ସାହୁଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ, କମିଟି ମେମ୍ବର ଉପସ୍ଥିତ ରହିଥିଲେ।

### ହାତ ଶିର କଟି ମହିଳା ଗୁରୁତର

ପାଟଣା, ୨୮।୨(ସ୍ୱ.ପ୍ର.): ସଦର ଥାନା କାଠଭାରୀ ପଞ୍ଚାୟତ ବାରିଗାଁ ଗ୍ରାମରେ ଗୁରୁବାର ପାରିବାରିକ କଳହରୁ ଜଣେ ସ୍ୱାମୀ ନିଜ ସ୍ତ୍ରୀଙ୍କ ହାତ ଶିର କାଟି ଦେଇଛନ୍ତି। ଗୁରୁତର ହୋଇପଡ଼ିଥିବା ମହିଳାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସ୍ତ୍ରୀଙ୍କୁ ସ୍ୱାମୀ ଟଙ୍କା ମାଗିରୁ ଉଭୟଙ୍କ ମଧରେ ଝଗଡା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କ ଡାହାଣ ହାତର ଶିରା ସ୍ୱାମୀ କାଟି ଦେଇଥିବା ଅଭିଯୋଗ ହୋଇଛି। ଲୋକ ଲଜ୍ଜାକୁ ଡରି ଘଟଣା ଚପାଇ ଦେବାକୁ ମହିଳା ଜଣଙ୍କ ନିଜ ହାତରେ କପଡା ବାନ୍ଧି ଦେଇଥିଲେ।

### ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣାର ତଦନ୍ତ

ହାଟଡ଼ିହୀ, ୨୮।୨(ଡି.ଏନ୍.ଏ.): ହାଟଡିହୀ ବ୍ଲକ ଛେନାପଦୀରେ ଥିବା ବ୍ୟାକ ଅଫ ଇଣ୍ଡିଆ ଏଟିଏମ୍‌କୁ ଭାଙ୍ଗି ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିଥିଲେ। ଏ ନେଇ ନନ୍ଦିପଦା ଥାନାରେ ଅଭିଯୋଗ ହୋଇଥିଲା। ଆନନ୍ଦପୁର ଡିଏସ୍‌ପି ବିଦ୍ୟୁତ୍ ଚନ୍ଦ୍ର ପଣ୍ଡା ଓ ନନ୍ଦିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଡିଏସ୍‌ପିଙ୍କ ନନ୍ଦିପଦା ଥାନା ପରିଦର୍ଶନ

ହାଟଡ଼ିହୀ, ୨୮।୨(ଡି.ଏନ.ଏ.): ନୂତନ ଭାବେ ଯୋଗ ଦେଇଥିବା ଆନନ୍ଦପୁର ଡିଏସ୍‌ପି ବିଦ୍ୟୁତ୍ ଚନ୍ଦ୍ର ପଣ୍ଡା ଗୁରୁବାର ହାଟଡିହୀ ବ୍ଲକ ନନ୍ଦିପଦା ଥାନା ପରିଦର୍ଶନ କରିଛନ୍ତି। ଉକ୍ତ



ଥାନାରେ ପହଞ୍ଚି ବିଭିନ୍ନ ଅଞ୍ଚଳର ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଥାନାରେ କର୍ମଚାରୀଙ୍କ ସଂଖ୍ୟା କମ ଥିବା ନେଇ ଗୁରୁତ୍ୱାରୋପ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ କିପରି ମୁକାବିଲା କରାଯିବ ତାହା ଉପରେ ତର୍ଜମା କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ସ୍ଥାନରେ ପୁଲିସ ତୁରନ୍ତ ପହଞ୍ଚି ଘଟଣା ଦିଗରେ ହସ୍ତକ୍ଷେପ ନେବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଭାରପ୍ରାପ୍ତ ଥାନା ଅଧିକାରୀ ଅନୁପ କର, ଅନୁପ କୁମାର କର, ଏଏସଆଇ ସନାତନ ମହାରଣା, ଅନୁପ ସାମଲ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

ହାଟଡ଼ିହୀ, ୨୮। ୨(ଡି.ଏନ.ଏ.): ହାଟଡିହୀ ବ୍ଲକ ଅଧୀନ ଅଞ୍ଚଳରେ ଆନନ୍ଦପୁର ବିଧାୟକ ମାୟାଧର ଜେନା ଓ ଜିଲା ସଭାପତି ବିମ୍ବାଧର ବିଶ୍ୱାଳ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଭାତକରୁଆ ପିଡବ୍ଲ୍ୟୁଡି ରୋଡ୍ ବଡ଼ରମ୍ପାସଠାରୁ ଇଞ୍ଜୋଳ, ଟୁକୁଣା ଅମ୍ପୋ ରାସ୍ତା ଏବଂ ପିଡବ୍ଲ୍ୟୁଡି ରୋଡ୍‌ଠାରୁ ବାହାରିପୁର ରାସ୍ତା, ଶାଳଣିଆଁଠାରୁ ବଳଭଦ୍ରପୁର ଗାଁ ରାସ୍ତା, ମଧୁବନ ଓ ହରଡ଼ବାଡ଼ି ରାସ୍ତାର ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ଯନ୍ତ୍ରୀ ଖିରୋଦ ବେହେରା, ପ୍ରଣତି ଦେଓ, ସୁରେନ୍ଦ୍ର ଜେନା, ରାମଚନ୍ଦ୍ର ଦାସ, ପ୍ରମିଳା ଜେନା, କାବେରୀ ସାହୁ, ପ୍ରଭାତୀ ଲତା ସୁତାର, କିଶୋର ଜେନା, ଅଶୋକ ଦାସ, ରଙ୍ଗାଧର ମଲ୍ଲିକ, ବିରେନ୍ଦ୍ର ବିଶ୍ୱାଳ, ଗୋପାଳ ନାୟକସନ୍ତୋଷ ନାୟକ, କୌଶଲ୍ୟା ସେଠୀ, ସୁଧାକର ଓଝା, ବାବୁଲି ପଟ୍ଟନାୟକ, ରବୀନ ପାଢ଼ୀ, ଆନନ୍ଦଚନ୍ଦ୍ର ନାୟକ, ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ସରପଞ୍ଚ ଉପସ୍ଥିତ ଥିଲେ।

# ହୋଇପାରିଲାନି ଜନଶୁଣାଣି



ଆରଡେଣ୍ଟ ଷ୍ଟିଲ କାରଖାନା।

- ପୂରଣ ହୋଇନି ପ୍ରତିଶ୍ରୁତି
- କାରଖାନା କର୍ତ୍ତୃପକ୍ଷଙ୍କ ମନମାନି

ଝୁମ୍ପୁରା, ୨୮।୨(ଡି.ଏନ.ଏ.)

କାରଖାନାକୁ ସମ୍ପ୍ରସାରିତ କରିବା ପାଇଁ ବାଂଶପାଳ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ହୋଇଥିବା ଜନଶୁଣାଣିକୁ ଗ୍ରାମବାସୀ ବର୍ଜନ କରିଛନ୍ତି। ପୂର୍ବ ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ଗ୍ରାମବାସୀ ଏହି ନିଷ୍ପତ୍ତି ନେଇଛନ୍ତି। ଜନଶୁଣାଣି ଫୁଲଝର ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ଫୁଲଝରଠାରୁ ୨୫ କି.ମି ଦୂର ବାଂଶପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କରାଯାଇଥିଲା। କାରଣ ଫୁଲଝର ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ କରାଗଲେ ବିଶୃଙ୍ଖଳା ସୃଷ୍ଟି ହେବ ବୋଲି କାରଖାନା କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଜଣାଥିଲା ବୋଲି ଗ୍ରାମବାସୀ କହିଛନ୍ତି।

ବାଂଶପାଳ ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଫୁଲଝର ଗ୍ରାମ ପାର୍ଶ୍ୱରେ ଆରଡେଣ୍ଟ ଷ୍ଟିଲ କାରଖାନା ରହିଛି। ଦୀର୍ଘ ୧୦ ବର୍ଷ ହେଲା ଏହି କାରଖାନା ଉତ୍ପାଦନ କ୍ଷମ କରି ଚାଲିଛି। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ପାରିପାର୍ଶ୍ୱିକ ଉନ୍ନୟନ କାମ ପାଇଁ କାରଖାନା କର୍ତ୍ତୃପକ୍ଷ ଆଖିବୁଜି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାରଖାନା ନିର୍ମାଣ ସମୟରେ ବିଭିନ୍ନ ପ୍ରତିଶ୍ରୁତି ମିଳିଥିଲା। ପ୍ରତିଶ୍ରୁତି ଅନୁଯାୟୀ ଉକ୍ତ ଅଞ୍ଚଳରେ କୌଣସି କାମ ହୋଇନି। ଓଲଟି ନିଯୁକ୍ତି ସୁଯୋଗ ଦେବାରେ ପକ୍ଷପାତିତା କରାଯାଇଛି। ଗ୍ରାମ୍ୟ ରାସ୍ତା ଅବରୋଧ, ଜଙ୍ଗଲ ନଷ୍ଟ, ପ୍ରାକୃତିକ ଝରଣା ଅବରୋଧ, ଠିକା ଶ୍ରମିକଙ୍କୁ କମ ମଜୁରି, ଜଙ୍ଗଲ ଭିତରେ ଗଛ କାଟି ୩୩ କେଭିଏ ବିଦ୍ୟୁତ୍ ସଂଯୋଗ ନେବା, ଆଦିବାସୀଙ୍କ ପଟ୍ଟାଭୂକ୍ତ ଜମି ଜବରଦଖଲ, ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ଚିକିତ୍ସା ସୁବିଧା ନ ଦେବା, ଗ୍ରାମ୍ୟ ପରିବେଶକୁ ଧୂଳିଧୂଆଁରେ ଭର୍ତ୍ତି କରି ପରବେଶ ନଷ୍ଟ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ କାରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ ଜିଲା ପ୍ରଶାସନ ଓ ନୟାକୋଟ ଥାନାରେ ବହୁ ଅଭିଯୋଗ ହୋଇଛି। ଏ ନେଇ ମଧ ପ୍ଲାଣ୍ଟରେ ଶ୍ରମିକଙ୍କ ହରତାଳ କରିଥିଲେ। ଏ ନେଇ ମୂଳଚାଲ କରି ଜିଲା ପ୍ରଶାସନକୁ ମିଛ ରିପୋର୍ଟ ଦେଇ ପ୍ଲାଣ୍ଟ କର୍ତ୍ତୃପକ୍ଷ ମନମାନି ଚଳାଇ ରଖିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜନଶୁଣାଣିରେ ପ୍ରଶାସନର କେତେକ ଅଧିକାରୀ ତଥା କାରଖାନା କର୍ମଚାରୀ ଉପସ୍ଥିତ ରହିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ବିଜୟ ମହାନ୍ତ, ତପନ ମହାନ୍ତ, ହେମନ୍ତ ମହାନ୍ତ, କେତନ ମହାନ୍ତ, ପୂର୍ଣ୍ଣ ମହାନ୍ତ, ଦମୟନ୍ତି ମହାନ୍ତ, ସପନ ମହାନ୍ତ ପ୍ରମୁଖ ଏକ ଲିଖିତ ଅଭିଯୋଗ ନେଇ କାରଖାନା କର୍ତ୍ତୃପକ୍ଷଙ୍କୁ ଦେଇଛନ୍ତି। ପୂର୍ବପ୍ରତିଶ୍ରୁତି ପାଳନ କର ତା' ପରେ ଜନଶୁଣାଣିକୁ ଡାକ ବୋଲି ଗ୍ରାମବାସୀ କାରଖାନା କର୍ତ୍ତୃପକ୍ଷଙ୍କୁ ଚେତାଇ ଦେଇଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ଭକ୍ତଚରଣ ପ୍ରଧାନଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ। ଆରଡେଣ୍ଟ ଷ୍ଟିଲ କାରଖାନାର ଜଣେ ଅଧିକାରୀ ପ୍ରଶାନ୍ତ ରଥଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେବାକୁ ମନା କରିଥିଲେ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ହାଟଡିହୀ, ୨୮।୨

ହାଟଡିହୀ ବ୍ଲକ ଅନ୍ତର୍ଗତ ସଢ଼ାଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ ପାଳିତ ହୋଇଛି। ଏଥିରେ ରତିକ ଭାଗବତ ପାଢ଼ୀ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ବାମନ ଚରଣ ସାହୁ ଠାକୁରଙ୍କ ଜୀବନାଦର୍ଶ ସମ୍ପର୍କରେ ପ୍ରବଚନ ଦେଇଥିଲେ। ହାଟଡିହୀ ଓ ଆନନ୍ଦପୁର ଅଞ୍ଚଳରୁ ସତ୍‌ସଙ୍ଗୀପ୍ରେମୀ ଉପସ୍ଥିତ ଥିଲେ। ଏଥିରେ ସଢ଼ା ଗ୍ରାମର ଭକ୍ତ ସହଯୋଗ କରିଥିଲେ। ସମସ୍ତଙ୍କ ପାଇଁ ଆନନ୍ଦବଜାରର ଭୋଜନ ବ୍ୟବସ୍ଥା କରାଯାଇଥିଲା। ସଢ଼ା ସତ୍‌ସଙ୍ଗ କମିଟି ସଭାପତି ଗୋଲକ ରାଉତ ଓ ସମ୍ପାଦକ ଉଦୟନାଥ ପୃଷ୍ଟି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜୀବନଯାପନ ପ୍ରଣାଳୀକୁ ସହଜ କରିଛି ବିଜ୍ଞାନ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

କେନ୍ଦୁଝର, ୨୮।୨(ସ୍ୱ.ପ୍ର.)

ସ୍ଥାନୀୟ ଏନ୍‌ଏସ୍ ପୋଲିସ ହାଇସ୍କୁଲ ପରିସରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେରେ ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ ଯୋଗଦେଇ ବିଜ୍ଞାନ କିପରି ମଣିଷର ଜୀବନଯାପନ ପ୍ରଣାଳୀକୁ ସହଜ ଓ ସରଳ କରିବାରେ ସହାୟକ ହୋଇଛି ସେ ବିଷୟରେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତୀୟ ବିଜ୍ଞାନ ଦିବସ ଉପରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ବିଭୂପ୍ରସାଦ ସେନାପତି ଏହି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ପିଲାଙ୍କୁ ଅବଗତ କରିଥିଲେ। ନୋବେଲ ପୁରସ୍କାର ବିଜେତା ଭାରତୀୟ ବୈଜ୍ଞାନିକ ସି.ଭି.ରମଣଙ୍କ ରମଣ ଇଫେକ୍ଟ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ରଥ, ଲକ୍ଷ୍ମୀଧର ବେହେରା ଯୋଗଦେଇ ବିଜ୍ଞାନର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଫୁଲ ଗଛ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ଛୋଟ ପଥରରେ ବୃକ୍ଷର କଳାକୃତି ପ୍ରଦର୍ଶନ କରିଥିଲେ। ।

## ଜାତୀୟ ବିଜ୍ଞାନ ଦିବସ

କେନ୍ଦୁଝର, ୨୮।୨(ସ୍ୱ.ପ୍ର.)

କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବନବିହାରୀ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାଙ୍କୁ ବିଜ୍ଞାନର ଉପାଦେୟତା ସମ୍ପର୍କରେ କହିଥିଲେ। ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ମଦନମୋହନ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥିଙ୍କ ପରିଚୟ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତଙ୍କ ସହ ବିଜ୍ଞାନ ବିଭାଗର ମନୋରଞ୍ଜନ ପରିଡା, ପଦ୍ମଲୋଚନ ମହାନ୍ତ, ବିଶ୍ୱବନ୍ଦିତା ଦାସ, ସତ୍ୟପ୍ରିୟ ମହାନ୍ତି, ଅମୂଲ୍ୟ ରାଉତ, ହରିପ୍ରିୟା ଓଝା ଓ ସସ୍ମିତା ଦୋରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପୁରାତନ ବିଦ୍ୟାଳୟର ନୂତନ ସୌଧ ଉଦ୍‌ଘାଟନ




ନୂଆ ସୌଧ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

କେନ୍ଦୁଝର, ୨୮।୨(ସ୍ୱ.ପ୍ର.)

କେନ୍ଦୁଝର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂତନ ସୌଧର ଉଦ୍‌ଘାଟନ ହୋଇଛି। ସିଦ୍ଧମଠ ନିକଟ ବାଇପାସଠାରେ ସଦର ବିଧାୟକ ଅଭିରାମ ନାୟକ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅଧ୍ୟକ୍ଷ ବିଭୂତି ଭୂଷଣ ଦାସଙ୍କ ସଭାପତିତ୍ୱରେ ଏହି ସମାରୋହରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିପିନ ବିହାରୀ ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶିକ୍ଷାନୁଷ୍ଠାନ ପୁରୁଣା ସ୍ମୃତିକୁ ମନେ ପକାଇ ନିଜର ଅଭିଜ୍ଞତା କହିଥିଲେ। ପରିଚାଳନା ସମିତି ସଭ୍ୟ ତଥା ପୂର୍ବତନ ପୌରାଧକ୍ଷ ପ୍ରଭନ ପଟ୍ଟନାୟକ ଯୋଗଦେଇ ପୁରାତନ ଏହି ବିଦ୍ୟାଳୟ କିପରି ଆର୍ଥିକ ସ୍ଥିତି ମଧ୍ୟରେ ଗତି କରୁଛି ତାହା ଉପସ୍ଥାପନ କରିଥିଲେ। ପ୍ରଧାପକ ବାଞ୍ଛାନିଧି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ନିଜ ଅଭିଭାଷଣରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଖେଳପଡିଆ, ଶୌଚାଳୟ, ପାନୀୟ ଜଳ ସମସ୍ୟା ଦୂର କରିବା ସହ ଯୁକ୍ତ ୨ ବିଜ୍ଞାନ, ଯୁକ୍ତ ୩ କଳା ବିଭାଗ ଖୋଲିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ କୁହାଯାଇଥିଲା। ୧୯୮୭ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ କିପରି ଏହାର ସମସାମୟିକ ଶିକ୍ଷାନୁଷ୍ଠାନଙ୍କଠାରୁ ପଛରେ ପଡିଯାଇଛି ସେ ନେଇ ଅବଗତ କରାଯାଇଥିଲା। ଜିଲା ପ୍ରସାଶନ ତଥା ବିଭିନ୍ନ ଲ୍ୟାଡ ଫଣ୍ଡରୁ ଅର୍ଥ ମିଳିଲେ ଅଫିସ ଗୃହ ନିର୍ମାଣ କରାଯିବା ପରେ ରାଜବାଟୀରେ ଚାଲିଥିବା ଏହି ଅନୁଷ୍ଠାନ ନୂତନ ସୌଧକୁ ସ୍ଥାନାନ୍ତରିତ କରାଯାଇ ପାଠପଢା ଆରମ୍ଭ ହେବା ନେଇ ସମସ୍ତେ ଆଶାବାଦୀ ଅଛନ୍ତି ବୋଲି ଅଧ୍ୟକ୍ଷ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପକ, ପୁରୁଣାବଜାର ନିବାସୀ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସଚେତନତା ଶୋଭାଯାତ୍ରା, ଚାରା ରୋପଣ

- ସବୁଜିମା ହେବ ନଦୀକୂଳ



ନଦୀକୂଳରେ ଚାରା ରୋପଣ କରାଯାଉଛି।

ବଡ଼ବିଲ, ୨୮।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଉପକଣ୍ଠରେ ଥିବା କାରୋନଦୀ କୂଳକୁ ସବୁଜିମାରେ ପରିପୂର୍ଣ୍ଣ କରିବାକୁ ବନ ବିଭାଗ ପଦକ୍ଷେପ ନେଇଛି। ସେଥିନେଇ ଗୁରୁବାର ସ୍ଥାନୀୟ ଚଟେଇ ହଟିଂର ବାସିନ୍ଦାଙ୍କୁ ନେଇ ସ୍ଥାନୀୟ ବୈତରଣୀ ଗୋଶାଳା ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବଡ଼ବିଲ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୌରନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ, ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ର, ଗଣମାଧ୍ୟମ ପ୍ରତିନିଧି ନିର୍ମଳ ପତି, ପ୍ରକୃତିବନ୍ଧୁ ବିଜୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଲୋକେ ଏକ ଶୋଭାଯାତ୍ରାରେ କାରୋନଦୀ କୂଳକୁ ଯାଇଥିଲେ। ସେଠାରେ ବର, ଅଶ୍ୱତ୍ଥ, ଶିଶୁ ଚାରା ରୋପଣ କରାଯାଇଥିଲା।

## 'ମୋ ବୁଥ୍ ସବୁଠୁ ମଜଭୁତ୍'

ବଡବିଲ, ୨୮।୨(ସ୍ୱ.ପ୍ର.)

ବଡବିଲସ୍ଥିତ ବିକାଶ ମହଲ ପରିସରରେ ଭାଜପା ବଡବିଲ ନଗର ମଣ୍ଡଳ ପକ୍ଷରୁ 'ମୋ ବୁଥ ସବୁଠୁ ମଜଭୁତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡବିଲ ଭାଜପା ନଗର ମଣ୍ଡଳର କର୍ମକର୍ତ୍ତାଙ୍କ ସହ ଚମ୍ପୁଆ ଉପଖଣ୍ଡର ମଣ୍ଡଳ ସଭାପତି ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଭାଜପା ସାଧାରଣ ଲୋକଙ୍କ ନିକଟତର ହେବା ପାଇଁ ଜୋର ଲଗାଇଥିଲା। ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ପ୍ରତ୍ୟେକ ମଣ୍ଡଳରେ ଥିବା ସମସ୍ତ ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କୁ କୁହାଯାଇଥିଲା।

## ଜିଏନ୍‌କେ ହାଇସ୍କୁଲରେ ସଚେତନତା ଶିବିର



ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବଡ଼ବିଲ, ୨୮।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଜିଏନ୍‌କେ (ଗୁରୁ ନାନକ ଖାଲସା) ହାଇସ୍କୁଲରେ ବଡ଼ବିଲ ତାଲୁକ ଆଇନ ସେବା ସମିତି ପକ୍ଷରୁ ସାଇବର କ୍ରାଇମ୍ ଶୀର୍ଷକ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସମିତି ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି ଆଲୋକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ସମିତି କର୍ମଚାରୀ ମାନସ ନାଏକ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ବଳରାମ ମହାନ୍ତି, ଦେବପ୍ରିୟ ରଣା ଓ ବଡ଼ବିଲ ଥାନା ସବ୍‌ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ଯୋଗଦେଇ ସାଇବର କ୍ରାଇମ୍ କାହାକୁ କୁହାଯାଏ, ସେନେଇ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଅଭିଭାବକଙ୍କୁ ଅବଗତ କରାଇଥିଲେ।

## 'ମଦ ବିକ୍ରି ବନ୍ଦ କରାଯାଉ'



ଅଭିଯୋଗ କରିବାକୁ ଆସିଥିବା ମହିଳା।

ଚମ୍ପୁଆ,୨୮।୨(ଡି.ଏନ୍.ଏ.)

ଚମ୍ପୁଆ ଥାନା ଅନ୍ତର୍ଗତ ଚଡୁଆବାହାଳଠାରେ ଅବାଧରେ ଦେଶୀ ମଦ ବିକ୍ରି ହେଉଛି। ତାହାକୁ ବନ୍ଦ କରିବା ଦାବିରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଗୁରୁବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୧୪ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଏହି କାରବାରକୁ ବିରୋଧ କରିଛନ୍ତି। ଗ୍ରାମରେ ମଦ ବିକ୍ରି ନ କରିବାକୁ ଏକ ସଚେତନତା ରାଲି ମଧ ହୋଇଥିଲା। ତଥାପି ଏହାର ବିକ୍ରି ବନ୍ଦ ହେଉନି। ସ୍ୱୟଂ ସହାୟିକା ଗୋଷ୍ଠୀକୁ ପରୋକ୍ଷରେ ଧମକ ମିଳୁଛି। ଏ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ରିମୁଳି ଫାଣ୍ଡିରେ ଅଭିଯୋଗ କରିଥିଲେ। କାର୍ଯ୍ୟାନୁଷ୍ଠାନ ନ ହେବାରୁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚମ୍ପୁଆ ଥାନା ଭାରପ୍ରାପ୍ତ ଅଧିକାରିଣୀ ପଦ୍ମାବତୀ କପାଟଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେବା ପରେ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରନ୍ଧା ହେବାକୁ ଥିବା ଦେଶୀ ମଦର ପୋଚକୁ ନଷ୍ଟ କରାଯାଇଛି।

# ୪ ଦଫା ଦାବି ପୂରଣ କର

- ପାଇପ୍ ଜଳ ଯୋଗାଣ କର୍ମଚାରୀ ସଂଘର ଧାରଣା




ଧାରଣାରେ ବସିଥିବା ପାଇପ୍ ଜଳଯୋଗାଣ କର୍ମଚାରୀ।

ଆନନ୍ଦପୁର, ୨୮।୨(ସ୍ୱ.ପ୍ର.)

ରାଜ୍ୟ ପାଇପ୍ ଜଳ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଆନନ୍ଦପୁର ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ସ୍ଥାନୀୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡ ଆନନ୍ଦପୁର କାର୍ଯ୍ୟାଳୟ ପରିସରରେ କର୍ମଚାରୀ ଦିନିକିଆ ଧାରଣାରେ ବସିଥିଲେ। ଆନନ୍ଦପୁର ସଂଘର ସଭାପତି ନୃସିଂହ ଚରଣ ରାଉତ ଏବଂ ସମ୍ପାଦକ କମଳାକାନ୍ତ ସିଂହଙ୍କ ସଂଯୋଜନାରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସ୍ୱାବଲମ୍ବୀ କାରିଗର ଓ ଠିକା କର୍ମଚାରୀଙ୍କୁ ଦୈନିକ ମଜୁରି ପ୍ରଦାନ, ଓ୍ୱାର୍କଚାର୍ଜ କର୍ମଚାରୀଙ୍କୁ ନିୟମିତ କର୍ମଚାରୀ ମାନ୍ୟତା ଓ ସ୍ଥିରୀକୃତ ପେନ୍‌ଶନ ପ୍ରଦାନ, ୭ମ ବେତନ କମିଶନ ସୁପାରିସ୍‌ରେ ବକେୟା ୬୦ ପ୍ରତିଶତ ପ୍ରଦାନ ଆଦି ଚାରି ଦଫା ଦାବିରେ କର୍ମଚାରୀ ଧାରଣାରେ ବସିଥିଲେ।

ପୂର୍ବରୁ କର୍ମଚାରୀମାନେ ସେମାନଙ୍କ ସମସ୍ୟା ନେଇ ବାରମ୍ବାର ଧାରଣା ଓ ଧର୍ମଘଟ କରୁଥିଲେ। ସରକାରଙ୍କ ସହ ଆଲୋଚନା କରିବା ସତ୍ତ୍ୱେ କୌଣସି ସ୍ଥାୟୀ ସମାଧାନ ନ ହେବା ଯୋଗୁ ପୁନର୍ବାର ଏହି ଧାରଣା ଦିଆଯାଇଛି। ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ରାଜ୍ୟ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ସ୍ୱାବଲମ୍ବୀ କାରିଗରି ଶାଖା ସମ୍ପାଦକ ରଞ୍ଜନ ଘଡ଼େଇ, ଘଟଗାଁ ଶାଖା ସମ୍ପାଦକ ସୁରେନ୍ଦ୍ର ଦାସଙ୍କ ସମେତ ଭାବଗ୍ରାହୀ ଖଣ୍ଡା, ଭରତ ସାହୁ, ମନୋରଞ୍ଜନ ମୁଦୁଲି, ଦେବେନ୍ଦ୍ର ପ୍ରଧାନ, ଦିଲୀପ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଚିନ୍ତାମଣି ରାଉଳ, ସଞ୍ଜୟ ଦେହୁରି, ରାଜକିଶୋର ମୋଦି, ପ୍ରଶାନ୍ତ ସାହୁ, ବୀର ନାଇକ, ମହେଶ୍ୱର ମଲ୍ଲିକ, ରବୀନ୍ଦ୍ର ଖିଲାର, କାର୍ତ୍ତିକ ସାହୁ, ରବୀନ୍ଦ୍ର ସାହୁ, ଜଗନ୍ନାଥ ସାହୁଙ୍କ ସମେତ ବହୁ ସଂଖ୍ୟାରେ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ।